## ସଂକ୍ଷେପରେ

### ଚୁଆରୁ ମହିଳାଙ୍କ ମୃତଦେହ ଜବତ

ବାଲିଗୁଡ଼ା,୧୫।୧୨ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ କଟପଡ଼ି ଗ୍ରାମର ଏକ ଚୁଆରୁ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତା ମହିଳା ହେଲେ ଗ୍ରାମର ବୀରେନ୍ଦ୍ର ମଲ୍ଲିକଙ୍କ ସ୍ତ୍ରୀ ଶାନ୍ତିଲତା ମଲ୍ଲିକ। ତିନିଦିନ ତଳେ ଶାନ୍ତିଲତା ବାପଘରକୁ ଯିବାକୁ ଘରୁ ବାହାରିଥିଲେ। ମାତ୍ର ସେଠାରେ ପହଞ୍ଚି ପରିବାର ଲୋକଙ୍କୁ କିଛି ନ ଜଣାଇବାରୁ ସ୍ୱାମୀ ବୀରେନ୍ଦ୍ର ଏନେଇ ଶାନ୍ତିଲତାଙ୍କ ବାପଘର ଲୋକଙ୍କୁ ପଚାରି ବୁଝିଥିଲେ। ମାତ୍ର ଶାନ୍ତିଲତା ବାପଘରକୁ ଆସି ନ ଥିବା ସେମାନେ କହିଥିଲେ। ଶାନ୍ତିଲତାଙ୍କୁ ଖୋଜାଖୋଜି କରି ପରିବାର ଲୋକେ ପାଇ ନ ଥିଲେ। ରବିବାର ସକାଳୁ କଟପଡ଼ି ଗ୍ରାମର କେତେ ଜଣ ଲୋକ ଉକ୍ତ ଚୁଆକୁ ଶୌଚ ପାଇଁ ଯାଇଥିବା ବେଳେ ଶାନ୍ତିଲତାଙ୍କ ମୃତଦେହ ଚୁଆରେ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ପାଇ ଘଟଣା ସ୍ଥଳରେ ପରିବାର ଲୋକେ ପହଞ୍ଚି ଦେଖିବା ପରେ ବାଲିଗୁଡ଼ା ପୋଲିସକୁ ଜଣାଇଥିଲେ। ପୋଲିସଠାରୁ ସୂଚନା ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ତେବେ ଶାନ୍ତିଲତା ଚୁଆରେ ବୁଡି ମୃତ୍ୟୁବରଣ କରିବା ନେଇ ପୋଲିସ ତଦନ୍ତ ଜାରି ରଖିଛି।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଫୁଲବାଣୀ,୧୫।୧୨
(ରାକେଶ କୁମାର ରାଉତ)

ଫୁଲବାଣୀ ସଦର ଥାନା ଅନ୍ତର୍ଗତ ରୁଜାଙ୍ଗୀ ପେଟ୍ରୋଲ ପମ୍ପ ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଗୋଛାପଡ଼ା ଥାନା ଅନ୍ତର୍ଗତ କଟ୍ରିଙ୍ଗିଆ ପଞ୍ଚାୟତ ବାଡ଼ାଗାଣ୍ଡା ଗ୍ରାମର ରାମଚନ୍ଦ୍ର ଦିଗାଲ (୨୫)। ସେ ବାଇରେ ମିଣିଆ ଯାଉଥିବା ସମୟରେ ରୁଜାଙ୍ଗି ପେଟ୍ରୋଲ ପମ୍ପ ନିକଟରେ ଭାରସାମ୍ୟ ହରାଇ ସିମେଣ୍ଟ ପୋଲରେ ପିଟି ହୋଇ ଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକଙ୍କ ପାଖରୁ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ କନକ କୁମାର୍ ମାଝୀ ସୂଚନା ଦେଇଛନ୍ତି।

### ଜଳିଗଲା ଧାନଗଦା



ଧରାକୋଟ,୧୫।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ରୁଗୁମୁ ନିକଟସ୍ଥ ବାଦୁଆ ଶଙ୍ଖ ନିକଟରେ ଥିବା ଡାକିବଜା ଗ୍ରାମର ଉଦୟନାଥ ଜେନାଙ୍କ ଜମିର ଧାନ ଫସଲ ଅମଳ ପରେ ଶଙ୍ଖ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଗଦାଇ ଥିଲେ। ରବିବାର ଏଥିରେ ନିଆଁ ଲାଗି ଯାଇଥିବା ଦେଖିବାକୁ ମିଳିଥିଲା। ଧରାକୋଟ ଦମକଳ ବାହିନୀକୁ ଖବର ଦେବା ପରେ ତୁରନ୍ତ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲା। ନିଆଁ ଲିଭିବା ଆଗରୁ ଅମଳ ଫସଲ ଜଳି ପୋଡ଼ି ନଷ୍ଟ ହୋଇ ଯାଇଛି। ଏଣୁ ତୁରନ୍ତ ଉଦୟନାଥଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି।

### ମା'ରାମଚଣ୍ଡୀ ପୀଠରେ ସାଧୁ ସମାବେଶ ପ୍ରସ୍ତୁତି

ଛତ୍ରପୁର,୧୫।୧୨ (ସନ୍ତୋଷ ପାଢ଼ୀ)

ମା'ରାମଚଣ୍ଡୀ ପୀଠରେ ଫେବୃଆରୀ ୧୬ରୁ ତିନିଦିନ ବ୍ୟାପୀ ବିଶାଳ ସାଧୁ ସମାବେଶ ଓ ଦ୍ୱିତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ମହେନ୍ଦ୍ରଗିରିର ମହେନ୍ଦ୍ର ଆଶ୍ରମର ସନ୍ଥ ଭାସ୍କର ତୀର୍ଥ ମହାରାଜ ଓ ବୋରିଗାଁର ଅଖିଳାନନ୍ଦ ତୀର୍ଥ ମହାରାଜ ଏବଂ ଅନ୍ୟାନ୍ୟ ସାଧୁସନ୍ଥ ପ୍ରମୁଖ ପୀଠକୁ ଆସି ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି। ପ୍ରଶାନ୍ତ କରଙ୍କ ତତ୍ତ୍ୱାବଧାନରେ ମନ୍ଦିର ଟ୍ରଷ୍ଟି ଲକ୍ଷ୍ମୀନୃସିଂହ ପଣ୍ଡା, ପୂଜା କମିଟି ଉପଦେଷ୍ଟା ତ୍ରିପତି ବାଲାଜୀ ମିଶ୍ର, ସଂଯୋଜକ କମଲ ପଣ୍ଡା, ସହ ସଂଯୋଜକ ତୁଷାର ଶତପଥୀ, ଜ୍ୟୋତିଷ ଦୀପକ କୁମାର ଦାସ, ମ୍ୟାନେଜର ସନ୍ତୋଷ ପଣ୍ଡା, ସୁଧୀର ମହାରଣା, ରାଜେଶ ନନ୍ଦ, କାହ୍ନୁ ବେହେରା, ବରୁଣ ଚୌଧୁରୀ ଓ ଉପେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଋଣ ନାଁରେ ମହିଳାଙ୍କୁ ଶୋଷଣ, ଏତଲା ଦେଲେ ସରପଞ୍ଚ

ଦିଗପହଣ୍ଡି,୧୫।୧୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ କଇଠଖଣ୍ଡି ପଞ୍ଚାୟତର ଗ୍ରାମାଞ୍ଚଳଗୁଡ଼ିକରେ କେତେକ ଘରୋଇ ଫାଇନାନ୍ସ ସଂସ୍ଥା କୌଣସି ସରକାରୀ ସ୍ୱୀକୃତି ନଥାଇ ମହିଳା ଗ୍ରୁପ ଗଠନ କରି ଋଣ ପ୍ରଦାନ କରୁଛନ୍ତି। ପରବର୍ତ୍ତୀ ସମୟରେ ସେମାନଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ କଇଠଖଣ୍ଡି ସରପଞ୍ଚ ମନୋରଞ୍ଜନ ଗୌଡ଼ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି।

ଖବରରୁ ଜଣାପଡିଛି, ଗତ କିଛିବର୍ଷ ହେଲା ଏକ ନିର୍ଦ୍ଦିଷ୍ଟ ଫାଇନାନ୍ସ ସଂସ୍ଥାର କର୍ମଚାରୀମାନେ ମହିଳା ଗ୍ରୁପ ଗଠନ କରି ପ୍ରଥମେ ବନ୍ଧକବିହୀନ ଋଣ ଦେଉଥିଲେ। ପରେ ସେମାନଙ୍କଠାରୁ ଜୋର ଜବରଦସ୍ତ ଅତ୍ୟଧିକ ସୁଧ ସହ ମୂଳ ଟଙ୍କା ଆଦାୟ କରୁଛନ୍ତି। ଏହାର ପ୍ରତିବାଦ କଲେ ସେମାନଙ୍କ ପରିବାର ଲୋକଙ୍କୁ ଧମକ ଚମକ ଦେଉଛନ୍ତି। ଋଣ ଟଙ୍କା ପରିଶୋଧକୁ ନେଇ ଘରେ ଘରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ଉପୁଜୁଛି। ଋଣ ଟଙ୍କା ପରିଶୋଧ କରି ନ ପାରିଲେ ଭିନ୍ନ ବାଟରେ ଟଙ୍କା ଆଦାୟ କରାଯିବ ବୋଲି କେତେକ ଫାଇନାନ୍ସ ସଂସ୍ଥା କର୍ମଚାରୀମାନେ ମହିଳାମାନଙ୍କୁ ଚେତାବନୀ ଦେଉଛନ୍ତି। ଏନେଇ ବହୁ ମହିଳା ନିର୍ଯାତିତ ହେବାପରେ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଥିଲେ। ପଞ୍ଚାୟତ ପକ୍ଷରୁ ଏନେଇ ସଭା ଡକାଯାଇ ଅଭିଯୋଗର ଉଚ୍ଚସ୍ତରୀୟ ପ୍ରଶାସନିକ ତଦନ୍ତ କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥିର କରାଯାଇଛି। ପଞ୍ଚାୟତ ଅଧୀନ ବୋରିପଦର, କଇଠଖଣ୍ଡି ଓ ନୂଆଗଡ ଗ୍ରାମରେ କିଛି ମାସ ପୂର୍ବରୁ ୨/୩ଟି ଘରୋଇ ଫାଇନାନ୍ସ ସଂସ୍ଥାର କର୍ମଚାରୀମାନେ ପହଞ୍ଚି ଗ୍ରାମର ମହିଳାମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଗ୍ରୁପ ଗଠନ କରିବା ସହ ଋଣ ଦେଇଥିଲେ। ବର୍ତ୍ତମାନ ଉକ୍ତ ଫାଇନାନ୍ସ ସଂସ୍ଥାର କର୍ମଚାରୀ ମହିଳାମାନଙ୍କୁ ଋଣ ପରିଶୋଧ କରିବାକୁ କହିବା ସହ ରାତି ଅଧିଆ ଆସି ଘର ପିଣ୍ଡାରେ ଜଗିରହି ଜୋର ଜବରଦସ୍ତ ସୁଧ ସହ ଋଣ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏପରିକି କିଛି ମହିଳାଙ୍କଠାରୁ ସେମାନଙ୍କ ସୁନା ଗହଣା କର୍ମଚାରୀମାନେ ଛଡାଇ ନେଇଥିବା ଏତଲାରେ ଉଲ୍ଲେଖ ରହିଛି। ଏନେଇ ଦିଗପହଣ୍ଡି ଥାନା ଆଇଆଇସି ପ୍ରଶାନ୍ତ ପାତ୍ରଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଜିଲାସ୍ତରୀୟ ଗଜପତି ଉତ୍ସବ ପାଇଁ ପଥ ଉତ୍ସବ



ଜିଲାସ୍ତରୀୟ ପଥଉତ୍ସବ ନୃତ୍ୟ ପ୍ରଦର୍ଶନ କରାଯାଉଛି।

ପାରଳାଖେମୁଣ୍ଡି,୧୫।୧୨
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଗଜପତି ଉତ୍ସବ ଅବସରରେ ପାରଳାଖେମୁଣ୍ଡି ପୌର ପରିଷଦ ପକ୍ଷରୁ ସହରର ରାଜଦାଣ୍ଡ ସାହିଠାରେ ରବିବାର ପଥଉତ୍ସବ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ଜିଲାପାଳ ବିଜୟ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲାପାଳ ଜିଲାସ୍ତରୀୟ ଗଜପତି ଉତ୍ସବର ପ୍ରଚାର ପ୍ରସାର ପାଇଁ ବ୍ୟାନର, ପୋଷ୍ଟର, ଷ୍ଟିକର ଓ କ୍ୟାଲେଣ୍ଡର ଆଦି ଉନ୍ମୋଚନ କରିଥିଲେ। ପଥ ଉତ୍ସବରେ ପଥପ୍ରାନ୍ତ ନାଟକ, ସ୍ଥାନୀୟ କଳା ପ୍ରଦର୍ଶନ, ଭଜନ, ସଙ୍ଗୀତ, ନୃତ୍ୟ ଆଦି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ପୋରାଧ୍ୟକ୍ଷ ନିର୍ମଳା ସେଠୀ, ନିର୍ବାହୀ ଅଧିକାରୀ ୟାସିର ବିଲାଲ ଅହମ୍ମଦ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଏହି କାର୍ଯ୍ୟକ୍ରମରେ ପୁରାତନ ଆଖଡାମେଳି ତଥା ଖଣ୍ଡାସାଧନ, ଗଜାମୁହାଁ ଓଡ଼ିଶୀ ନୃତ୍ୟ, ସ୍କେଟିଂ ଆଦି କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା।

## ଉଦୟ ମହୋତ୍ସବରେ ସ୍ଥାନୀୟ ବିଧାୟକଙ୍କୁ ଅଣଦେଖା ଅଭିଯୋଗ

ଆର.ଉଦୟଗିରି ,୧୫।୧୨
(ମନୋଜ କୁମାର ପାଢୀ)

ଗଜପତିଜିଲା ଆର.ଉଦୟଗିରି ବ୍ଲକ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମରେ ଦୁଇ ଦିନ ଧରି ପଞ୍ଚାୟତ ସମିତିସ୍ତରୀୟ (ଗଜପତି ମହୋତ୍ସବ) ଉଦୟ ମହୋତ୍ସବ ଶେଷ ହୋଇଛି। ପ୍ରଥମ ଦିନରେ ମହେନ୍ଦ୍ରଗିରି କୁନ୍ତୀ ମନ୍ଦିରରୁ ଆସିଥିବା ମଶାଲକୁ ସ୍ଥାନୀୟ ପାର୍ବତୀ ମନ୍ଦିରରେ ରଖାଯାଇଥିଲା। ସେଠାରୁ ମଶାଲକୁ ଶୋଭାଯାତ୍ରାରେ ଉତ୍ସବ ସ୍ଥଳ ମିନି ଷ୍ଟାଡିୟମ ନିଆଯାଇଥିଲା। ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଉତ୍ସବର ଦ୍ୱିତୀୟ ଦିନ ଶନିବାର ମୁଖ୍ୟ ଅତିଥି ଭାବେ ମୋହନା ବିଧାୟ ଦାଶରଥି ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ପିଏ ଆଇଟିଡିଏ ଅଂଶୁମାନ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଲୋକକଳାର ବିକାଶ ତଥା ଗ୍ରାମାଞ୍ଚଳରେ ରହୁଥିବା କଳାକାରଙ୍କ ପ୍ରତିଭା



ଉତ୍ସବରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

ଲୋକଲୋଚନକୁ ଆଣିବାକୁ ଉଦୟ ଉତ୍ସବ ଏକ ପ୍ରୟାସ ବୋଲି ବିଡିଓ ଲରି ମୋହନ ଖର୍ସେଲ କହିଥିଲେ। ମୋହନା ବିଧାୟକ ଗମାଙ୍ଗ ବିଡିଓଙ୍କ ବିରୋଧରେ ଅଭିଯୋଗ କରି କହିଥିଲେ ଯେ, ବିଡିଓ ଖର୍ସେଲ ଉଦୟ ଉତ୍ସବକୁ ଅନ୍ୟ ଅତିଥିମାନଙ୍କୁ ପୂର୍ବରୁ ନିମନ୍ତ୍ରଣ କରି ଡାକିଥିଲେ। ମାତ୍ର ସ୍ଥାନୀୟ ବିଧାୟକଙ୍କୁ ପୂର୍ବରୁ ନିମନ୍ତ୍ରଣ କରାଯାଇ ନ ଥିଲା। ଏହାକୁ ନେଇ ବିଧାୟକ କ୍ଷୋଭ ପ୍ରକାଶ କରି ବିଡିଓଙ୍କ ପାତରଅନ୍ତର ନୀତିକୁ ସମାଲୋଚନା କରିଥିଲେ। ଏପରି ଭୁଲ୍ ପୁନର୍ବାର ଯେପରି ନ ହୁଏ ସେନେଇ ବିଧାୟକ ତାଙ୍କୁ ତାଗିଦ କରିଥିଲେ । ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ,ବ୍ଲକର ଭଲ କାମ କରିଥିବା ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଦୁଇଦିନିଆ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବର, ତହସିଲଦାର ଜ୍ୟୋତିର୍ମୟ ଦାଶ, ଭାରପ୍ରାପ୍ତ ଚିକିତ୍ସାଧିକାରୀ ନିବେଦିତା ପଣ୍ଡା, ବିଇଓ ବୀରେନ୍ଦ୍ର ମଣ୍ଡଳ, ସିଡିପିଓ ଲଳିତା ପୂଜାରୀ, ରାମଗିରି ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି, ରାମଗିରି ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ପଟ୍ଟନାୟକ, ଭାଜପା ବ୍ଲକ ସଭାପତି ମଟୁ ଘଡେଇଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ସ୍ଥାପନା ଦିବସ

ଫୁଲବାଣୀ,୧୫।୧୨ (ରାକେଶ କୁମାର ରାଉତ)

କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ୬୨ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ନରେଶ ଚନ୍ଦ ଜିନାଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ, ସମ୍ମାନିତ ଅତିଥି ଭାବେ ଫୁଲବାଣୀ ଆଇଟିଡିଏ ପ୍ରକଳ୍ପ ପ୍ରଶାସିକା ଦେବଯାନୀ ଭୂୟାଁ ଯୋଗଦେଇ ଉଭୟେ ଅଧ୍ୟୟନ କରିଥିବା କେନ୍ଦ୍ରୀୟ ବିଦ୍ୟାଳୟ ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ନାଗରିକ ହେବା ପାଇଁ ସେମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ଓ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିବା ବେଳେ ଶିକ୍ଷକ ରାଧାନନ୍ଦ ଯାଦବ୍, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶୀତ: ବୁଗୁଡ଼ା ଅଞ୍ଚଳରେ ବାହାରକୁ ବାହାରିବା କଷ୍ଟକର

ବୁଗୁଡ଼ା,୧୫।୧୨(କାଳି ଚରଣ ଦାଶ)

ଏବେ ପାଞ୍ଚଦିନ ହେଲା ବୁଗୁଡ଼ା ଅଞ୍ଚଳରେ ଶୀତର ପ୍ରକୋପ ପ୍ରବଳ ଅନୁଭୂତ ହେଉଛି। ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ପ୍ରବଳ ଜାଡ଼ ପଡୁଛି। ତାପମାତ୍ରା ୧୧ରୁ ୧୩ ଡିଗ୍ରୀ ମଧ୍ୟରେ ରହିବା ସାଙ୍ଗକୁ କୋହଲା ପବନ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ସକାଳୁ କୌଣସି କାମରେ ଘରୁ ପଦାକୁ ବାହାରିବା କଷ୍ଟକର ହୋଇପଡୁଛି। ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳୁଛି।




ନିଆଁ ପୁଉଁଛନ୍ତି ଲୋକେ।

## ଗଞ୍ଜାମ ସହରରେ ଅବାଧରେ ବୁଲୁଛନ୍ତି ବାଂଲାଦେଶୀ



ଥାନାରେ ଅଭିଯୋଗ କରୁଛନ୍ତି ବଜରଙ୍ଗ ଦଳ କର୍ମୀ।

ଗଞ୍ଜାମ,୧୫।୧୨(ବିଦ୍ୟାଧର ସାହୁ)

ଗଞ୍ଜାମ ସହରରେ ଦିନକୁ ଦିନ ବାଂଲାଦେଶୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନ ପକ୍ଷରୁ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ କୌଣସି ତଦନ୍ତ କରାଯାଉନି। ବିନା କାଗଜପତ୍ର, ନମ୍ବରବିହୀନ ବାଇକ୍ ଧରି ସେମାନେ ବୁଲୁଥିଲେ ମଧ୍ୟ ଗଞ୍ଜାମ ପୋଲିସ ପକ୍ଷରୁ ସେମାନଙ୍କ ଗାଡ଼ି ଯାଞ୍ଚ କରାଯାଉନାହିଁ। ଫଳରେ ସେମାନେ ଅବାଧରେ ବୁଲୁଛନ୍ତି। ଏନେଇ ଗଞ୍ଜାମ ବଜରଙ୍ଗ ଦଳ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ସନ୍ଧ୍ୟା ହେଲେ ସ୍ଥାନୀୟ ଅଞ୍ଚଳ ଲୋକଙ୍କ ଗାଡି ମୋଟର ଯାଞ୍ଚ କରାଯାଉଛି। ବଡ଼ ବଜାର ପୁରୁଣା ପେଟ୍ରୋଲ ପମ୍ପ ନିକଟରେ ରହୁଥିବା ୫୦ରୁ ଊର୍ଦ୍ଧ୍ୱ ବାଂଲାଦେଶୀଙ୍କ ଗାଡ଼ି କାହିଁକି ଯାଞ୍ଚ କରାଯାଉନି ବୋଲି ବଜରଙ୍ଗ ଦଳ ପ୍ରଶ୍ନ ଉଠାଇଛି। ସହରର

### ଥାନାରେ ଫେରାଦ ହେଲା ବଜରଙ୍ଗ ଦଳ

ବରିଷ୍ଠ ନାଗରିକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ନେଇ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଗତ କିଛି ମାସ ହେବ ସହରରେ ଚୋରି ବୃଦ୍ଧି ପାଇଛି। ଉକ୍ତ ଅଞ୍ଚଳରେ ବର୍ତ୍ତମାନ ବସବାସ କରୁଥିବା ସନ୍ଦିଗ୍ଧ ବ୍ୟକ୍ତିମାନଙ୍କର ଯାଞ୍ଚ କରିବା ଲାଗି ଅଞ୍ଚଳବାସୀ ମଧ୍ୟ ଦାବି କରିଛନ୍ତି। ବଜରଙ୍ଗ ଦଳର ଅଭିଯୋଗ ପରେ ଗଞ୍ଜାମ ଥାନା ପୋଲିସ ଅନୁପ୍ରବେଶକାରୀ ବାଂଲାଦେଶୀମାନେ ରହୁଥିବା ସ୍ଥାନକୁ ଯାଇ ସମସ୍ତଙ୍କୁ ଥାନାକୁ ଆସିବା ପାଇଁ କହୁଥିବା ଏକ ଭିଡିଓ ଭାଇରାଲ ହୋଇଥିବା ଜଣାପଡ଼ିଛି।

## ସରସ୍ୱତୀ ଶିଶୁ ବିଦ୍ୟା ଭବନର ବାର୍ଷିକ କ୍ରୀଡ଼ା

ବେଲଗୁଣ୍ଠା,୧୫।୧୨ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ସରସ୍ୱତୀ ଶିଶୁ ବିଦ୍ୟା ଭବନର ୨୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ୨ଦିନ ଧରି ସ୍ଥାନୀୟ ବ୍ଲକ ପଡ଼ିଆରେ ପାଳିତ ହୋଇଯାଇଛି। ପ୍ରଥମ ଦିବସରେ ଅବସରପ୍ରାପ୍ତ ବନ ବିଭାଗ କର୍ମଚାରୀ ଶୂଳପାଣି ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶାରୀରିକ ଶିକ୍ଷାର ଆବଶ୍ୟକତା ଉପରେ ପିଲାଙ୍କୁ ଉଦ୍‌ବୋଧନ ଦେଇ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଆର୍ମୀ ବିଭାଗ କ୍ୟାପ୍‌ଟେନ ମହେନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇ କ୍ରୀଡ଼ା ଓ ବ୍ୟାୟାମର ଉପକାରିତା ଉପରେ ଛାତ୍ରୀଛାତ୍ରମାନଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୂର୍ଯ୍ୟନାରାୟଣ ପାତ୍ର ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ରହି ଯୋଗ ବ୍ୟାୟାମର ଡ୍ରିଲ୍ କରାଇଥିଲେ। ଅନୁଷ୍ଠାନର ପ୍ରଧାନାଚାର୍ଯ୍ୟ ଶିବରାମ ପ୍ରଧାନ ଅତିଥି ମାନଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ରୋଟାରୀ କ୍ଲବ୍ ପୂର୍ବତନ ସଭାପତି ତଥା ବିଶିଷ୍ଟ ସମାଜସେବୀ ଭି ଦେବୀପ୍ରସାଦ ପାତ୍ର ଓ ଖବରଦାତା ନାରାୟଣ ପଣ୍ଡା ଯୋଗଦେଇ ପିଲାମାନଙ୍କୁ ଶିକ୍ଷା ସହିତ କ୍ରୀଡ଼ାର ଆବଶ୍ୟକତା ଉପରେ ବିଭିନ୍ନ ଉଦାହରଣ ଦେଇଥିଲେ। ଗଣେଶ ଗୁରୁଜୀଙ୍କ ତତ୍ତ୍ୱାବଧାନରେ ନବମ ଓ ଦଶମ ଶ୍ରେଣୀର ଛାତ୍ରମାନେ ନୃସିଂହ ମନ୍ଦିରଠାରୁ ମଶାଲ ଯାତ୍ରାରେ ଆସିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫ଟି ବିଭାଗରେ ଖେଳ କରାଯାଇଥିଲା। ଅନୁଷ୍ଠାନର ଗୁରୁମା ମାମାଜିନି, ସୁମିତ୍ରା, ଅମ୍ବିକା, ଆଶା, ଅଲିଭା, ଶୋଭା, ସରିତା, ମିନି, ଶିବାନୀ ଓ ଗୁରୁଜୀ ପ୍ରମୋଦ, କୁମାରେଶ୍ୱର, ଗଣେଶ, ମନୋଜ, ସନ୍ତୋଷ, ପୂର୍ଣ୍ଣଚନ୍ଦ୍ର ଓ ଅନ୍ୟ ସମସ୍ତ ଗୁରୁମା, ଗୁରୁଜୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଦିଗପହଣ୍ଡିର ଆଶିଷ, ଶାନ୍ତନୁଙ୍କୁ ବଡିବିଲ୍ଡିଂରେ ସଫଳତା







ଦିଗପହଣ୍ଡି,୧୫।୧୨(ଅଶେଷ ନାଥ ମିଶ୍ର)

କର୍ଣାଟକର ବେଙ୍ଗାଲୁରର ହଣ୍ଟେଇଗୁଡ଼ାଠାରେ ମସଲ ମାନିଆ ଇଣ୍ଡିଆ ସଂସ୍ଥା ପକ୍ଷରୁ ଆୟୋଜିତ ସର୍ବଭାରତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ବଡ଼ିବିଲ୍ଡିଂରେ ଅଂଶଗ୍ରହଣ କରି ଦିଗପହଣ୍ଡି ଅଞ୍ଚଳ କଲୋନୀର ଆଶିଷ ପଟ୍ଟନାୟକ ଏବଂ ବଜାର ସାହିର ଶାନ୍ତନୁ ବେହେରା ସଫଳତା ହାସଲ କରିଛନ୍ତି। ଶନିବାର ହୋଇଥିବା ପ୍ରତିଯୋଗିତାରେ ଆଶିଷ ଜୁନିୟର ବର୍ଗରେ ଚାମ୍ପିୟନ ହୋଇଥିବା ବେଳେ ଶାନ୍ତନୁ ସିନିୟର ବର୍ଗରେ ୪ର୍ଥ ର୍ୟାଙ୍କ ହାସଲ କରି ପୁରସ୍କୃତ ହୋଇଛନ୍ତି। ଆଶିଷ ଏବଂ ଶାନ୍ତନୁ ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡ ସ୍ଥିତ ମହାବୀର ଜିମ୍ ପରିଚାଳକ ଜିତେନ୍ଦ୍ର ମେକାପଙ୍କ ତତ୍ତ୍ୱାବଧାନରେ ବଡିବିଲ୍ଡିଂ ତାଲିମ ନେଉଥିଲେ। ଉଭୟ ପୁରସ୍କୃତ ହୋଇଥିବା ଖବର ପ୍ରଚାର ପରେ ସହରର ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତି ବିଶେଷ ଓ ସମ୍ପର୍କୀୟ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ନଲେଜ କର୍ପୋରେଶନ ପକ୍ଷରୁ ଆଞ୍ଚଳିକ ସମ୍ମିଳନୀ

ଛତ୍ରପୁର,୧୫।୧୨(ସନ୍ତୋଷ
ପାଢ଼ୀ/ଦିଲ୍ଲୀପ ସାମଲ)

ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଓଡିଶାକୁ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ ପାଇଁ କାର୍ଯ୍ୟରତ ଓଡିଶା ନଲେଜ କର୍ପୋରେସନ ଲିମିଟେଡ ପକ୍ଷରୁ ଏକ ଆଞ୍ଚଳିକ ସମ୍ମିଳନୀ ଛତ୍ରପୁରସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଓକେସିଏଲର ଗଞ୍ଜାମ ଜିଲା ମୁଖ୍ୟ ଏସ.ରେଖା ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାରେ ଓକେସିଏଲର ଡିଜିଟାଲ ଶିକ୍ଷା ପାଠ୍ୟକ୍ରମ ପ୍ରଦାନ କରୁଥିବା ଶତାଧିକ ଶିକ୍ଷାକେନ୍ଦ୍ରର ପରିଚାଳକମାନେ ଯୋଗ ଦେଇଥିଲେ। ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଥଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରିବର୍ଦ୍ଧିତ ବୈଶ୍ୱିକ ବାତାବରଣରେ ଓଡିଶାର ସମସ୍ତ ଗ୍ରାମ ଓ ସହରାଞ୍ଚଳର ଓଡିଆ ମାଧ୍ୟମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର ପାଠ୍ୟକ୍ରମ ପ୍ରଦାନ ସ୍ୱଳ୍ପ ମୂଲ୍ୟରେ ପ୍ରଦାନ କରି ସାମାଜିକ ମାନ ବୃଦ୍ଧି ପାଇବ ସେ କ୍ଷେତ୍ରରେ ଓକେସିଏଲର ସମସ୍ତ ଅଧିକୃତ କେନ୍ଦ୍ରମାନଙ୍କ ସଞ୍ଚାଳକ ମାନେ ଉଦ୍ୟମ କରିବାକୁ ପୁଥଳ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉପରୋକ୍ତ ୩ଟି ଜିଲାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କେନ୍ଦ୍ରଗୁଡ଼ିକୁ ପୁରସ୍କୃତ କରାଯାଇଥିଲେ। ଓକେସିଏଲର ବରିଷ୍ଠ ପରିଚାଳକ ସୁଶାନ୍ତ ଜେ ଦାସଙ୍କ ସମେତ ଜୟଶ୍ରୀ ଦେହୁରୀ, ହିମଜା ହବିଷମତୀ, ସୌମ୍ୟ ଶୁଭମ ରାଉତ, ଜସ୍ମିନ ପଣ୍ଡା ଓ ଦେବାଶିଷ ସାହୁ ଆଗାମୀ ବିଭିନ୍ନ ପ୍ରୋଜେକ୍ଟ ଉପରେ ତାଲିମ ପ୍ରଦାନ କରିଥିଲେ। ଓକେସିଏଲର ଗଜପତି ଜିଲା ମୁଖ୍ୟ ଶ୍ରୀକାନ୍ତ ମହାନ୍ତି ସ୍ୱାଗତ ସୂଚନା ଓ କନ୍ଧମାଳ ଜିଲା ମୁଖ୍ୟ ସୁଜିତ ଚୌଧୁରୀ ଧନ୍ୟବାଦ ଦେଇଥିଲେ।

## ଆକୃଷ୍ଟ କରେ ଜଳପ୍ରପାତ, ପିଲାସାଲୁଙ୍କି ଡ୍ୟାମ୍ ସହ ଗୋଲେଇ ଘର

**ଖଜୁରୀପଡ଼ା ବ୍ଲକରେ ପର୍ଯ୍ୟଟନ ସ୍ଥଳ**

**ରହିଛି ମା'ବରାଳ ଦେବୀ, ଗୁପ୍ତେଶ୍ୱର, ମା'ଦକ୍ଷିଣକାଳୀ ଓ ମା' ଲକ୍ଷ୍ମୀଙ୍କ ମନ୍ଦିର**





ଖଜୁରିପଡ଼ା, ୧୫।୧୨
(ବିଦ୍ୟୁର ବେହେରା)

ଏବେ ଆସିଛି ପର୍ଯ୍ୟଟନର ଋତୁ ଶୀତଋତୁ। ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିବା ପାଇଁ ଶୀତୁଆ ସକାଳର କଅଁଳ ପବନର ସ୍ପର୍ଶର ମଜା ନେବେ ପର୍ଯ୍ୟଟକ। କନ୍ଧମାଳ ଜିଲାର ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳ ପରି ଖଜୁରିପଡ଼ା ବ୍ଲକରେ ରହିଛି ପୋକଡାଝର ଜଳପ୍ରପାତ। ବ୍ଲକର ସୁଡ୍ରୁକୁମ୍ପା ପଞ୍ଚାୟତରେ ଥିବା ଏହି ଜଳପ୍ରପାତରେ ସବୁବେଳେ ବଣଭୋଜି ପାଇଁ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ। ଫୁଲବାଣୀରୁ ବୌଦ୍ଧକୁ ସଂଯୋଗ କରୁଥିବା ୫୭ ନଂ. ଜାତୀୟ ରାଜପଥରେ ଯାଇ ପାଣିଶାଳଠାରୁ ୫ କି.ମି. ଗଲେ ପଡେ ପୋକଡ଼ା ଝର ଜଳପ୍ରପାତ। ଏହାର ଉନ୍ନତୀକରଣ ଦାୟିତ୍ୱ ଏବେ ସରକାର ନେଇଛନ୍ତି। ଉକ୍ତ ଅଞ୍ଚଳର ସୌନ୍ଦର୍ଯ୍ୟକରଣ ଏବେ ଚାଲିଛି। ଏହା ପାଖରେ ଦୂତିପଡା ପଞ୍ଚାୟତରେ ରହିଛି ଅନ୍ୟ ଏକ ପର୍ଯ୍ୟଟନ ସ୍ଥଳୀ ପିଲାସାଲୁଙ୍କି ଡ୍ୟାମ। ଫୁଲବାଣୀ ସହରଠାରୁ ୧୫ କି.ମି. ଦୂରରେ ଅବସ୍ଥିତ। ପିଲାସାଲୁଙ୍କିସ୍ଥିତ ଜଳସେଚନ ବିଭାଗ ଏହାର ପରିଚାଳନା ଦାୟିତ୍ୱ ନେଇଛି। ଏଠାକାର ମନୋରମ ପ୍ରାକୃତିକ ପରିବେଶ ଯୋଗୁ ପର୍ଯ୍ୟଟକମାନେ ବର୍ଷ ତମାମ ପିକ୍‌ନିକର ମଜା ନେବାକୁ ଆସନ୍ତି । ସେହିପରି ଏହା ନିକଟରେ ବଲସକୁମ୍ପା ପଞ୍ଚାୟତରେ ରହିଛି ଆଉ ଏକ ଜଳଭଣ୍ଡାର । ପୁରୁଣା ପାଣି ଜଳଭଣ୍ଡାର ରୂପେ ପରିଚିତ ଏହି ଜଳଭଣ୍ଡାର ମଧ୍ୟ ପିକ୍‌ନିକ ପାଇଁ ଏକ ଉପଯୁକ୍ତ ସ୍ଥାନ। ପର୍ଯ୍ୟଟକଙ୍କ ଦେଖିବା ପାଇଁ ମଧ୍ୟ ରହିଛି ଗୋଲେଇ ଘର ଓ ଏକ ଲୁହା ପୋଲ। ଖଜୁରୀପଡ଼ା ବ୍ଲକରେ ରହିଛି ପବିତ୍ର ଶକ୍ତି ପୀଠ ମା'ବରାଳ ଦେବୀ ମନ୍ଦିର। ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ସବୁ ସମୟରେ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗେ। ସେହିପରି ପାଖରେ ରହିଛି ବାବା ଗୁପ୍ତେଶ୍ୱରଙ୍କ ମନ୍ଦିର। ଏହା ପାଖକୁ ଲାଗି ରହିଛି ମା'ଦକ୍ଷିଣକାଳୀ ଏବଂ ମା' ଲକ୍ଷ୍ମୀଙ୍କ ମନ୍ଦିର। ମନ୍ଦିର ନିକଟ ଦେଇ ପ୍ରବାହିତ ହେଉଛି ପିଲାସାଲୁଙ୍କି ନଦୀ। ପର୍ଯ୍ୟଟକମାନେ ଏହିସବୁ ମନ୍ଦିର ଦର୍ଶନ କରି ନଦୀଶଯ୍ୟାରେ ମଧ୍ୟ କିଛି ସମୟ ଅତିବାହିତ କରିପାରିବେ।

## ସଂକ୍ଷେପରେ

### ଦିଲ୍ଲୀରେ ଓଡ଼ିଆ ଯୁବ ଠିକାଦାରଙ୍କ ମୃତ୍ୟୁ

ଚଣ୍ଡିଖୋଲ,୧୫।୧୨(ପ୍ରଦୀପ୍ତ କୁମାର ପୃଷ୍ଟି): ଦିଲ୍ଲୀରେ ଜଣେ ଓଡ଼ିଆ ଠିକାଦାରଙ୍କ ଶନିବାର ମୃତ୍ୟୁ ଘଟିଛି। ମୃତକ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଳାଶ୍ରୀ ଗ୍ରାମର ପ୍ରଶାନ୍ତ କୁମାର ରାଉତ (୩୦)। ସେ ଦୀର୍ଘ ଦିନ ହେବ ଦିଲ୍ଲୀରେ ରହି ଆସୁଥିଲେ। ଶନିବାର ସେ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ମାତ୍ର ୬ ମାସ ତଳେ ତାଙ୍କର ବିବାହ ହୋଇଥଲା। ପରିବାର ସହ ସେ ସେଠାରେ ରହୁଥିଲେ। ତାଙ୍କ ପରଲୋକ ଖବର ପାଇ କଳାଶ୍ରୀ ଗ୍ରାମରେ ଶୋକ ର ଛାୟା ଖେଳି ଯାଇଛି। ରବିବାର ପ୍ରଶାନ୍ତଙ୍କ ମୃତଦେହ ଦିଲ୍ଲୀରୁ ଆସୁଛି । ସୋମବାର ମୃତଦେହ ଗ୍ରାମରେ ପହଞ୍ଚିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି। ଗାଁ ଶ୍ମଶାନ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଚଣ୍ଡିଖୋଲ,୧୫।୧୨(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ଚଣା ଗ୍ରାମର ଜଣେ ଯୁବକ ରବିବାର ଘର ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବଡ଼ଚଣା ଗ୍ରାମର ଚିନ୍ମୟ କୁମାର ରାଉତ (୨୫)। ଆତ୍ମହତ୍ୟାର କାରଣ ଜଣାପଡି ନ ଥିଲେ ମଧ ପ୍ରେମଜନିତ କାରଣରୁ ଏପରି ଘଟିଥାଇ ପାରେ ବୋଲି ଆଲୋଚନା ହେଉଛି। ଏକ ପ୍ରେମ ଘଟଣାରେ ସେ କିଛିଦିନ ତଳେ ଜେଲକୁ ଯାଇଥିଲେ । ୧୦ ଦିନ ତଳେ ଜାମିନରେ ଆସିଥିଲେ। ବଡ଼ଚଣା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ୨ ମାମଲାରେ ୫ଜଣ କୋର୍ଟ ଚାଲାଣ

ରାଜନଗର, ୧୫।୧୨ (ଭାସ୍କର ରାଉତରାୟ) ରାଜନଗର ଥାନାରେ ୨ଟି ମାମଲାରେ ୫ଜଣଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଥାନା ସାନବଡଗୋପାଳପୁରରେ ବିଦ୍ୟୁତ୍ ଖୁଣ୍ଟ ଚୋରି ଘଟଣାରେ କେନ୍ଦ୍ରାପଡ଼ା ସଦର ପୁରୁଷୋତ୍ତମପୁର ଗାଁର ସଞ୍ଜୀବ ମହାନ୍ତି, ଚାନ୍ଦୋଳ ଅଞ୍ଚଳ ଅନନ୍ତପୁର ଗାଁର ନିକୁ ସ୍ୱାଇଁଙ୍କୁ ପୋଲିସ ଗିରଫ କରି ନଂ.୩୯୮/୨୪ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସେହିପରି ଶନିବାର ରାଜନଗର କୁନ୍ଦୁପୁର ରାସ୍ତାର ପେଟ୍ରୋଲ ପମ୍ପ ନିକଟରେ ୨ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ କଏଥା ଗାଁର ସୁବ୍ରତ ଦାସଙ୍କୁ ଅନ୍ୟଗୋଷ୍ଠୀର ଯୁବକମାନେ ଲୁହା ପାଇପରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ରାଜନଗର ଗ୍ରାମର ପରମେଶ୍ୱର ଦାସ, ସାଗର ବଳ ଏବଂ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗାଁର ଜିତୁ ପ୍ରକାଶ ମଳିକଙ୍କୁ ମାମଲା ରୁଜୁ କରି ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି।

# ମିଶନ ଶକ୍ତି ଗୃହ: ବାଲି ବଦଳରେ ପାଉଁଶ ବ୍ୟବହାର

କଳିଙ୍ଗନଗର,୧୫।୧୨ (ଶୁଭାଶିଷ ରାଉତ ):

ଯାଜପୁର ଜିଲା ଦାନଗଦି ବ୍ଲକ ମଙ୍ଗଳପୁର ପଞ୍ଚାୟତ ତେଲିବାହାଳି ମହାପାଟ ପଡିଆ ଠାରେ ନିର୍ମାଣାଧୀନ ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘ କାର୍ଯ୍ୟାଳୟ(ମିଶନ ଶକ୍ତି ଗୃହ) ନିର୍ମାଣ ଆରମ୍ଭରୁ ହିଁ ବିବାଦୀୟ ହୋଇ ପଡିଛି। ଯେକୌଣସି ସରକାରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ସେଠାରେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ହୋଇଥିବାବେଳେ ତାହା ଏଠାରେ ହୋଇନାହିଁ। ପ୍ଲିନ୍ଥ ତଳେ ବାଲି ବଦଳରେ ବେନିୟମ ଭାବେ ଶିଳ୍ପବର୍ଜ୍ୟ ପାଉଁଶ ପୋତି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାପରେ ଶନିବାର ରାତିଅଧିଆ ପୋତାଯାଇଥିବା ପାଉଁଶ ମଧ୍ୟରୁ କିଛି ଜେସିବି ମେଶିନରେ କଢ଼ାଯାଇ ତା' ଉପରେ ବାଲି ଢାଙ୍କି ଦିଆଯାଇଥିବା ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ପକ୍ଷରୁ ଏନେଇ ଅଭିଯୋଗ ହେବା ପରେ ମଙ୍ଗଳପୁର ସରପଞ୍ଚ ରବିବାର ପୂର୍ବାହ୍ନରେ କାର୍ଯ୍ୟସ୍ଥଳରେ ପହଞ୍ଚି କାର୍ଯ୍ୟ ବନ୍ଦ କରିଥିଲେ। ଗୃହ ନିର୍ମାଣ ପାଇଁ ରହିଥିବା ଗାଇଡ୍‌ଲାଇନ ବାହାରେ କାମ କରାଇ ଦିଆଯିବ ନାହିଁ ବୋଲି ସେ ଚେତାବନୀ ଦେଇଥିଲେ। ସେହିପରି କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀ ମଧ ଠିକାଦାରଙ୍କୁ ନିମ୍ନମାନର କାମ ସମ୍ପର୍କରେ ତାଗିଦ କରିଥିଲେ। ଏହାପରେ ଭୁଲ୍ ସୁଧାରିବା ପାଇଁ ପ୍ଲିନ୍ଥ ତଳେ ପୋତି ଥିବା ପାଖାପାଖି ଅଧା ବର୍ଜ୍ୟ ପାଉଁଶ ଜେସିବି ଦାରା କାଢ଼ି ତା'ଉପରେ ବାଲି ଢାଙ୍କି ଦିଆଯାଇଛି। ସୂଚନା ମୁତାବକ ୧୭୦୦ ବର୍ଗ ଫୁଟ ପରିମିତ ଏହି ବିଲଡିଂ ନିର୍ମାଣ ପାଇଁ ୨୭ ଲକ୍ଷ ଟଙ୍କାର ଅନୁଦାନ ଅନୁମୋଦିତ ହୋଇଛି। ଏ ସଂକ୍ରାନ୍ତରେ ଦାନଗଦି ବ୍ଲକର ଯନ୍ତ୍ରୀ ସ୍ମିତାଶ୍ରୀ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, କାର୍ଯ୍ୟର ମାନ ପରୀକ୍ଷା କରାଯିବ। ଯଦି କାର୍ଯ୍ୟରେ ଅନିୟମିତତା ହୋଇଥାଏ ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



# ୨ମାସ ପରେ ବି ପୋଲିସ ହାତ ଖାଲି

ଯାଜପୁର ଟାଉନ,୧୫।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

### ଝରକା ତାଡ଼ି ଲକ୍ଷାଧିକ ଟଙ୍କା ଚୋରି ଘଟଣା

ଯାଜପୁରସଦର ଥାନା ଅନ୍ତର୍ଗତ ବାଲିଆମୁଣ୍ଡୁଲିରେ ରହୁଥିବା ଯାଜପୁର ଅତିରିକ୍ତ ଜିଲା ଦୌରାଜଜଙ୍କ ପେସ୍କାରଙ୍କ ଘରୁ ଗତ ଅକ୍ଟୋବର ୨୮ତାରିଖ ଦିନ ଦ୍ୱିପ୍ରହରରେ ଝରକା ତାଡି ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଲୁଟ ହୋଇଥିଲା। ଏନେଇ ଯାଜପୁର ଅତିରିକ୍ତ ଜିଲା ଦୌରାଜଜଙ୍କ ପେସ୍କାର ଉମାକାନ୍ତ ସାମଲ ଯାଜପୁରସଦର ଥାନାରେ ଲିଖିତ ଏତଲା ଦେଇଥିଲେ। ଘଟଣା ଦିନ ୩ଜଣ ଦୁର୍ବୃତ୍ତ ପେସ୍କାରଙ୍କ ଘର ଝରକା ତାଡି ନଗଦ ଲକ୍ଷାଧିକ ଟଙ୍କା ସହ ୩ଟି ସୁନାମୁଦି, ୨ଟି ସୁନା ଚୁଡି, ଆଲମିରା ଭାଙ୍ଗି ଲୁଟ୍ କରିନେଇଥିଲେ। ଏହି ଲୁଟ୍ ଘଟଣା ଆଜକୁ ୨ମାସରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଯାଜପୁରସଦର ପୋଲିସ କୌଣସି ଆଖିଦୃଶିଆ ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି। ଏହି ଲୁଟ୍‌ର ଦୃଶ୍ୟ ସିସିଟିଭି କ୍ୟାମେରାରେ ରହିଛି । ଏ ସମ୍ପର୍କରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ପେସ୍କାର ସାମଲ ଅତିରିକ୍ତ ଏସ୍‌ପିଙ୍କୁ ଦେଖା କରି ଏ ନେଇ ଅଭିଯୋଗ କରିଥିଲେ । ହେଲେ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ହୋଇପାରିନାହିଁ। ପରେ ଯାଜପୁର ଏସ.ପି ଙ୍କୁ ଭେଟି ଏ ସଂପର୍କରେ ଅଭିଯୋଗ କରିବା ପରେ ଏସ.ପି ତଦନ୍ତକାରୀ ଅଧିକାରୀଙ୍କୁ ବଦଳାଇବେ ବୋଲି କହିଥିଲେ ମଧ୍ୟ ଆଜି ସୁଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ।

# ମହାନଦୀ ପଠାରେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ସମାଗମ



ମହାନଦୀ ପଠାରେ ବିଭିନ୍ନ ପ୍ରକାର ପକ୍ଷୀ।

ମହାକାଳପଡ଼ା,୧୫।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ) ଶୀତ ଋତୁ ଆଗମନରେ ମହାନଦୀ ଅବବାହିକା ପଠାରେ ବିଭିନ୍ନ ପ୍ରଜାତିର ପକ୍ଷୀ ଦଳ ଦଳ ହୋଇ ସମାଗମ ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ଶୀତ ବଢ଼ିବା ପରେ ଉପକୂଳ ଅଞ୍ଚଳର ନଦୀ ପାର୍ଶ୍ୱ ଲୁଣା ହେନ୍ତାଳ ଜଙ୍ଗଲରେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ କଳରବ ଶୁଭିଲଣି। ଉପଯୁକ୍ତ ଜଳବାୟୁ, ନଦୀ, ନାଳ, ଖାଲ, ପାଟ ଆଦିରେ ମିଳୁଥିବା ପ୍ରଚୁର ପରିମାଣରେ ଖାଦ୍ୟକୁ ଦୃଷ୍ଟିରେ ରଖି ପକ୍ଷୀମାନେ ବିଭିନ୍ନ ଅଞ୍ଚଳରୁ ଉଡିଆସିଥାନ୍ତି। ଏଠାରେ ସେମାନେ ଶୀତ ୪ମାସ ନଦୀର ପାର୍ଶ୍ୱବର୍ତ୍ତୀ ଜଙ୍ଗଲଗୁଡ଼ିକରେ ବସବାସ କରିଥାନ୍ତି। ପକ୍ଷୀଗୁଡ଼ିକ ଏଠାରେ ଡିମ୍ବ ଦେଇ ଛୁଆ ଫୁଟିବା ପରେ ସାଥିରେ ଧରି ପୂର୍ବ ସ୍ଥାନକୁ ବାହୁଡ଼ି ଯାଇଥାନ୍ତି। ପକ୍ଷୀଗୁଡ଼ିକୁ ସୁରକ୍ଷା ଦେବାକୁ ବନ ବିଭାଗ ଯତ୍ନବାନ ହେବା ଉଚିତ। ଅପରପକ୍ଷରେ ବିଭିନ୍ନ ପକ୍ଷୀଙ୍କ ଆଗମନ ଦେଖି ଦୁର୍ବୃତ୍ତମାନେ ବିଷ ଓ ଫାସ ବସାଇ ସେମାନଙ୍କୁ ଶିକାର କରିବାକୁ ପଛାଇବେ ନାହିଁ। ଏଥିପ୍ରତି ସ୍ଥାନୀୟ ବନ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ପକ୍ଷୀ ସମାଗମ ହେଉଥିବା ସ୍ଥାନଗୁଡ଼ିକରେ ସଚେତନତା ବାର୍ତ୍ତା ବା ସାଇନ୍ ବୋର୍ଡ ମାରିବା ଦରକାର ବୋଲି ବୁଦ୍ଧିଜୀବୀ ନାରାୟଣ ଦାସ କହିଛନ୍ତି।

# ଦେଢ଼ ବର୍ଷ ପରେ ଚଳଚଞ୍ଚଳ ବିରଜା ହାଟ



ଯାଜପୁର ଟାଉନ,୧୫।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ଦୀର୍ଘ ପ୍ରାୟ ଦେଢ଼ ବର୍ଷ ହେବ ବିରଜା ହାଟକୁ ନେଇ ଚାଲିଛି ବିବାଦ । ଆଜକୁ ପ୍ରାୟ ୩ଶହ ବର୍ଷ ହେବ ବିରଜା ମନ୍ଦିର ସନ୍ନିକଟରେ ଓଡ଼ିଶା ପ୍ରସିଦ୍ଧ ବିରଜା ହାଟ ଚାଲି ଆସୁଥିଲା। ସପ୍ତାହରେ ୨ଥର ଗୁରୁବାର ଏବଂ ରବିବାର ଏହି ହାଟ ବସୁଥିଲା। ତେବେ ବିରଜା ମନ୍ଦିର ପ୍ରକଳ୍ପ ଆରମ୍ଭ ପୂର୍ବରୁ ଜିଲା ପ୍ରଶାସନ ଏହି ହାଟ ଜମିକୁ ଅଧିଗ୍ରହଣ କରି ପ୍ରକଳ୍ପ ମଧ୍ୟରେ ଅନ୍ତର୍ଭୁକ୍ତ କରିବା ସହ ବଞ୍ଚିତ କିଛି ଜମିକୁ ପାର୍କିଂ ଉଦ୍ଦେଶ୍ୟରେ ଛାଡି ଦିଆଯାଇଥିଲା। ଏହା ପରେ ବିରଜା ହାଟକୁ ପ୍ରାୟ ୧କିମି ଦୂର ସନ୍ଥମାଧବ ଠାରେ ନୂତନ ଭାବେ ଖୋଲାଯାଇଥିଲା। ତେବେ ଜିଲା ପ୍ରଶାସନର ଏପରି ନିଷ୍ପତ୍ତି ବିରୋଧରେ ଦୀର୍ଘ ପ୍ରାୟ ଦେଢ଼ବର୍ଷ ଧରି ହାଟରେ ବ୍ୟବସାୟ କରିଆସୁଥିବା ଚାଷୀ, ବ୍ୟବସାୟୀ ଓ ଖାଉଟିଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଯାଇଥିଲା। ପ୍ରଶାସନର ଏପରି ନିଷ୍ପତ୍ତି ବିରୋଧରେ ଅଗ୍ରେଶ୍ୱର ବିରଜା ହାଟ ବ୍ୟବସାୟୀମାନଙ୍କ ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ ଓ ବିକ୍ଷୋଭ କରାଯାଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟସରକାରଙ୍କ ପାଖରେ ବାରମ୍ବାର ଅଭିଯୋଗ କରିଥିଲେ। ଅପରପକ୍ଷେ ବିରଜା ମନ୍ଦିର ପ୍ରକଳ୍ପ ପାଇଁ ଏହି ନିଷ୍ପତ୍ତି ଯଥାର୍ଥ ଥିବାର ଦର୍ଶାଇ ଏକ ଗୋଷ୍ଠୀ ମଧ ଆନ୍ଦୋଳନ ଓ ବିକ୍ଷୋଭ କରିଆସୁଥିଲେ। ତେବେ ହାଟକୁ ନେଇ ପ୍ରାୟତଃ ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଚାଲିଥିଲା । ଗତ ୨୦ତାରିଖ ଦିନ ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ଘଟଣା ପରେ ହାଟ ବିବାଦ ତେଜିଥିଲା। ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ ହାଟକୁ ନେଇ ରାସ୍ତାରୋକୋ କରିବା ମାମଲାରେ ମଧ ଯାଜପୁର ପୋଲିସ ଗିରଫ କରିଥିଲା ଏବଂ ୪ ମାମଲା ରୁଜୁ କରି ଏକାଧିକ ବ୍ୟକ୍ତିଙ୍କୁ ଏହି ମାମଲାରେ ଅଭିଯୁକ୍ତ ଦର୍ଶାଇଥିଲା। କହିବାକୁ ଗଲେ ଏହି ଦୁଇ ଗୋଷ୍ଠୀ ଶାସକ ଭାଜପା ଓ ବିଜେଡି ସମର୍ଥକ ବୋଲି ସାଧାରଣରେ ଆଲୋଚନା ହେଉଥିଲା। ତେବେ ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ ଗତ ୧୨ତାରିଖ ଦିନ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଏକ ବୈଠକ ଡାକଇ ଆଲୋଚନା କରିବା ପରେ ରବିବାରଠାରୁ ପୁରୁଣା ସ୍ଥାନରେ ବିରଜା ହାଟ ଖୋଲିବା ପାଇଁ ଘୋଷଣା କରିଥିଲେ। ଏହି ଘୋଷଣା ପରେ ରବିବାର ଦିନ ବିରଜା ମନ୍ଦିର ସନ୍ନିକଟରେ ପୂର୍ବ ସ୍ଥାନରେ ପୁନର୍ବାର ଏହି ହାଟ ଖୋଲିଛି। ଏହି ହାଟ ଖୋଲିବା ପାଇଁ ଚାହୁଁଥିବା ଗୋଷ୍ଠୀ ପକ୍ଷରୁ ରବିବାର ପ୍ରତ୍ୟୁଷରୁ ଭଜନକୀର୍ତ୍ତନ ଓ ପୂଜା ହୋମ କରାଯାଇ ପୁରାତନ ବ୍ୟବସାୟୀ ବିଷ୍ଣୁଚରଣ ବିହାରୀଙ୍କ ଦ୍ୱାରା ଫିତାକାଟି ଉଦ୍‌ଘାଟନ କରାଯାଇଛି। ଅପରପକ୍ଷରେ ନୂଆ କରି ସନ୍ଥମାଧବ ଠାରେ ଚାଲିଥିବା ହାଟ ଆଜି ବି ଖୋଲିଥିବା ଦେଖିବାକୁ ମିଳିଥିଲା ।

### ମଙ୍ଗଳପୁର ଥାନାର ନୂତନ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଦଶରଥପୁର,୧୫।୧୨ (ସୁଶାନ୍ତ କୁମାର ବେହୁରିଆ): ଯାଜପୁର ଜିଲା ଅଧୀନ ମଙ୍ଗଳପୁର ଥାନାରେ ନୂତନ ଥାନାଧିକାରୀ ଭାବେ ରବିବାର ଜଗଦୀଶ କର ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ୨୦୧୨ରେ ଏସ୍‌ଆଇ ଭାବେ ଓଡ଼ିଶା ପୋଲିସ ସେବାରେ ନିଯୁକ୍ତି ପାଇଥିଲେ । ୨୦୨୨ରେ ପଦୋନ୍ନତି ପାଇ ଆଇଆଇସି ଭାବେ ଯାଜପୁର ଜିଲା ଅଧୀନ ଯଖପୁରା ଥାନାରେ ଯୋଗଦେଇଥିଲେ । ଏହା ପୂର୍ବରୁ ସେ ନୟାଗଡ଼ ଜିଲା ଇଟାମାଟି ଥାନା ଅଧିକାରୀ ଭାବେ କାର୍ଯ୍ୟକରୁଥିବା ବେଳେ ଗତ ୧୩ ତାରିଖରେ ତାଙ୍କର ବଦଳି ଯାଜପୁର ଜିଲା ମଙ୍ଗଳପୁର ଥାନାକୁ ହୋଇଥିଲା।

### ଯାଜପୁର ଟିମ୍ ସେମିଫାଇନାଲରେ

ବ୍ରହ୍ମବରଦା,୧୫।୧୨(ଯଯାତି କେଶରୀ ବେହେରା): ଯାଜପୁର ବ୍ଲକ୍ ଝାଲପଡ଼ା ପଞ୍ଚାୟତ କା କୁ ଡ଼ି କୁ ଦ - ନୀ ଳ କ ଣ୍ଠ ପୁ ର ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ ପ୍ରତିଯୋଗିତାରେ ରବିବାର ଯାଜପୁର ଇଲେଭେନଷ୍ଟାର ସହିତ ଇନ୍ଦୁପୁର କ୍ରିକେଟ କ୍ଲବର ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଇନ୍ଦପୁର କ୍ଲବ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୫ ଓଭରୁ ୨୪ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୬୬ ରନ କରିଥିଲେ। ଜବାବରେ ଯାଜପୁର ଇଲେଭେନଷ୍ଟାର ୨୦ଓଭର ଖେଳି ୨ ଉଇକେଟ ହରାଇ ୧୬୭ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଯାଜପୁର ଇଲେଭେନଷ୍ଟାର ବ୍ୟାଟସ୍‌ମ୍ୟାନ ସରୋଜ ବେହେରାଙ୍କୁ ମ୍ୟାନ-ଅଫ୍ ଦି-ମ୍ୟାଚ ଭାବେ ଘୋଷଣା କରାଯାଇଥିଲା।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ,ଅନ୍ୟ ଜଣେ ଗୁରୁତର

କାଳିଆପାଣି,୧୫।୧୨( ଅସିତ ମହାନ୍ତ ):

କାଳିଆପାଣି ଥାନା ଅନ୍ତର୍ଗତ କଳରଙ୍ଗି ଛକଠାରେ ମିନି ଟ୍ରକ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଯୁବକଙ୍କ ମୃତ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୯ଟା ସମୟରେ କାଳିଆପାଣି - ମଙ୍ଗଳପୁର ରାସ୍ତାର କଳରଙ୍ଗୀ ଛକଠାରେ ଏହି ଦୁର୍ଘଟଣା ଘଟିଥିଲା । ଏକ ବାଇକ୍( ନଂ.ଓଡ଼ି୨୨ଭି୧୫୬୪)ରେ ସିଦ୍ଧାର୍ଥ ଚୌଧୁରୀ(୩୫) ଓ ଶୁଭମ ସିଂ କାଳିଆପାଣି ଆଡ଼କୁ ଯାଉଥିବା ସମୟରେ ଅପରପଟୁ ଏକ ମିନିଟ୍ରକ( ନଂ.ଓଆର୦୨ଏଏନ୍୨୨୪୭) ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ସିଦ୍ଧାର୍ଥଙ୍କ ମୃତ୍ୟୁ ଘଟିଥିବା ବେଳେ ଶୁଭମ୍ ସିଂ ଗୁରୁତର ହୋଇଛନ୍ତି। କାଳିଆପାଣି ପୋଲିସ ଉଭୟଙ୍କୁ ଉଦ୍ଧାର କରିଥିଲା। ଗୁରୁତର ଅବସ୍ଥାରେ ଥିବା ଶୁଭମ୍‌ଙ୍କୁ ଟାଟାମେଡ଼ିକା ଡାକ୍ତରଖାନାକୁ ପଠାଇଛି। ଉଭୟ ଟାଟାଷ୍ଟିଲର ଜୋଷ୍ଟୋ କମ୍ପାନୀରେ କାର୍ଯ୍ୟରତ ଥିଲେ।

# ଶକ୍ତି ସଂରକ୍ଷଣ ପ୍ରକଳ୍ପ ପ୍ରଦର୍ଶନକରି ପ୍ରୀତିପ୍ରଜ୍ଞା ରାଜ୍ୟରେ ପ୍ରଥମ

ରାଜନଗର, ୧୫।୧୨(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀ ବରାହ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ପ୍ରୀତିପ୍ରଜ୍ଞା ପାଢୀ ଶକ୍ତି ସଂରକ୍ଷଣ ପ୍ରକଳ୍ପ ପ୍ରଦର୍ଶନ କରି ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଶନିବାର ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରକଳ୍ପ ପ୍ରତିଯୋଗିତାରେ ନିଜର ପ୍ରକଳ୍ପ ପ୍ରଦର୍ଶନ କରି ଏହି ସଫଳତା ହାସଲ କରିଛନ୍ତି। ଏହି ଅବସରରେ ପ୍ରୀତିପ୍ରଜ୍ଞା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ରାଜ୍ୟର ୩୦ଟି ଜିଲାରୁ ୩୦ଟି ପ୍ରକଳ୍ପକୁ ଅନ୍‌ଲାଇନ ମାଧ୍ୟମରେ ମନୋନୀତି କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲାରୁ ଲକ୍ଷ୍ମୀ ବରାହ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରୀତିପ୍ରଜ୍ଞାଙ୍କ ପ୍ରକଳ୍ପ ଶ୍ରେଷ୍ଠ ମନୋନୀତ ହୋଇଥିଲା। ଗାଇଡ ଶିକ୍ଷୟିତ୍ରୀ ବର୍ଷାରାଣୀ ରାଉତ, ଏସ୍.କେ. ନେମତୁଲ୍ଲାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରୀତିପ୍ରଜ୍ଞା ଏହି ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ସେ ହାତିନା ଗ୍ରାମର ପ୍ରସନ୍ନ କୁମାର ପାଢୀଙ୍କ ଝିଅ। ତାଙ୍କର ଏହି ସଫଳତା ପାଇଁ ଲକ୍ଷ୍ମୀ ବରାହ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଅତୁଳ କୁମାର ବଳଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି।



# ୨୪ରୁ କୋରୋଇ ମହୋତ୍ସବ

ପାଣିକୋଇଲି,୧୫।୧୨(ବିକାଶ କୁମାର ମଲିକ): କୋରାଇ ମଣ୍ଡଳ ସାହିତ୍ୟ ସଂସଦ ଆନୁକୂଲ୍ୟରେ ପ୍ରତିବର୍ଷ ଆୟୋଜିତ ହେଉଥିବା କୋରାଇ ମହୋତ୍ସବ-୨୦୨୪ ନିମନ୍ତେ ପ୍ରସ୍ତୁତି ବୈଠକ ରବିବାର ସଂସଦର ସଭାପତି ନନ୍ଦ କିଶୋର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂସଦର ସମ୍ପାଦକ ପଣ୍ଡିତ ଡ.ସୂର୍ଯ୍ୟମଣି ଖୁଣ୍ଟିଆ ମହୋତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବିବରଣୀ ପାଠ କରିଥିଲେ। ଚଳିତ ମାସ ୨୪ ଓ ୨୫ ତାରିଖ ଦୁଇ ଦିନ ଧରି କୋରାଇ ମେଲଣ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଉକ୍ତ ମହୋତ୍ସବରେ ୨୪ ତାରିଖ ପୂର୍ବାହ୍ନରେ ଶିଶୁ ଉତ୍ସବ, ଓ ସନ୍ଧ୍ୟାରେ ସାହିତ୍ୟ ଆଲୋଚନାଚକ୍ର ଆୟୋଜିତ ହେବ। ୨୫ ତାରିଖ ଦିନ ପୂର୍ବାହ୍ନରେ ରାଜ୍ୟସ୍ତରୀୟ କବି ସମ୍ମେଳନ ଅନୁଷ୍ଠିତ ହେବା ପରେ ୧୮ ଜଣ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବ। ଚଳିତ ବର୍ଷ କୋରାଇ ମହୋତ୍ସବ ସମ୍ମାନ ବରିଷ୍ଠ ରାଜନୈତିଜ୍ଞ ଓ ବିଶିଷ୍ଟ ସାହିତ୍ୟିକ ଡ଼ ରାମଚନ୍ଦ୍ର ଖୁଣ୍ଟିଆଙ୍କୁ ପ୍ରଦାନ କରାଯିବା ସହିତ ଶିଶୁ ସାହିତ୍ୟିକ ଡ଼ ସୁନାମଣୀ ରାଉତଙ୍କୁ କସ୍ତୁରୀ ପୁରସ୍କାର, ବରିଷ୍ଠ ନାଟ୍ୟକାରିଣୀ ବିନ୍ଦୁରେଖା ମହାପାତ୍ରଙ୍କୁ ସ୍ୱର୍ଗତ କାହ୍ନୁଚରଣ ଖୁଣ୍ଟିଆ ସ୍ମୃତି ପୁରସ୍କାର, ନିର୍ମଳ ଚନ୍ଦ୍ର ରାଉତଙ୍କୁ ସ୍ୱର୍ଗତ ଗଦାଧର ସ୍ୱାଇଁ ଶିକ୍ଷକ ଗୌରବ ପୁରସ୍କାର,ମାଙ୍ଗଳିକା ଦାସଙ୍କୁ ସ୍ୱର୍ଗତା ସଚିଦେବୀ ଇନ୍ଦୁମତୀ ଲେଖିକା ପୁରସ୍କାର,ପାଲା ଗାୟକ ରଜନୀକାନ୍ତ ପୃଷ୍ଟିଙ୍କୁ ସ୍ୱର୍ଗତ ଗଦାଧର ସାହୁ ସ୍ମୃତି ପୁରସ୍କାର,ସମ୍ପାଦକ ପ୍ରଫେସର ଡ଼ା ଉପେନ୍ଦ୍ର ପ୍ରସାଦ ନାୟକଙ୍କୁ ସ୍ୱର୍ଗତ ଶ୍ୟାମସୁନ୍ଦର ମହାନ୍ତି ସ୍ମୃତି ପୁରସ୍କାର,କୃତି ଛାତ୍ର ଆଶୁତୋଷ ଦାସଙ୍କୁ ସ୍ୱର୍ଗତ ଦଶରଥ ବିଶ୍ୱାଳ ପୁରସ୍କାର, ଚିତ୍ତରଞ୍ଜନ ଚିରଞ୍ଜିତଙ୍କୁ ଅଚ୍ୟୁତାନନ୍ଦ ପତି ଗଳ୍ପ ସମ୍ମାନ,କବି ନାରାୟଣ ମହାଳିକଙ୍କୁ କୈଳାସ ଚନ୍ଦ୍ର ଦାସ ସ୍ମୃତି ସମ୍ମାନ,କବି ପହଲ୍ଲାଦ ପଣ୍ଡାଙ୍କୁ ରମେଶ ଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ, ଶିଶୁ ସାହିତ୍ୟିକ ପ୍ରଶାନ୍ତ କୁମାର ଦାଶଙ୍କୁ ଦୌପଦୀ ପ୍ରାଣକୃଷ୍ଣ ସ୍ମୃତି ସମ୍ମାନ,ସ୍ୱତନ୍ତ୍ର ସାମ୍ବାଦିକ ସମ୍ମାନ ବାବୁରାମ ଜେନା, ଶ୍ରୀମତୀ ସୁଜାତା ଗିରିଙ୍କୁ ବୋଲେ ହୁଁ ଟି ସମ୍ମାନ,ଅନନ୍ତ ଜେନାଙ୍କୁ ଆଜ୍ଞା ନମସ୍କାର ବ୍ୟଙ୍ଗମଣୀ ସମ୍ମାନ, ଡ଼ା ଅନୀତା ପଣ୍ଡାଙ୍କୁ ପ୍ରବାସୀ ସାରସ୍ୱତ ସଙ୍ଗଠକ ସମ୍ମାନ ଓ ବୃନ୍ଦାବନ ସାହୁଙ୍କୁ ସଂସଦର ସ୍ୱତନ୍ତ୍ର ସମ୍ମାନରେ ସମ୍ମାନୀତ କରାଯିବ ବୋଲି ସଂସଦର ସମ୍ପାଦକ ଡ଼ ଖୁଣ୍ଟିଆ ପ୍ରେସ ବିବୃତିରେ ଜଣାଇଛନ୍ତି। ଉକ୍ତ ବୈଠକରେ ବୃନ୍ଦାବନ ସାହୁ,ବାଇଧର ମାଝୀ, ଅକ୍ଷୟ କୁମାର ବାରିକ, ମୋହନ ଚରଣ ଖୁଣ୍ଟିଆ,ପ୍ରଦୀପ କୁମାର ଦାସ, ମଳୟ କୁମାର ମଲ୍ଲିକ, ଅଶୋକ କୁମାର ପତି,ଶିବ ଚରଣ ମାଝୀ, ପ୍ରିୟଦର୍ଶୀ ଅମ୍ବରୀଶ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।



କୋରୋଇ ମହୋତ୍ସବ ପାଇଁ ଆୟୋଜିତ ପ୍ରସ୍ତୁତି ବୈଠକ।

# ଜଗତ୍‌ସିଂହପୁରରେ କାଞ୍ଜିଆହୁଦା ପରିକଳ୍ପନା ଦିଗହରା

ଜଗତସିଂହପୁର,୧୫।୧୨
(ପ୍ରମୋଦ କୁମାର ନାୟକ)

■ ସହରରେ ଷଣ୍ଢ ଉତ୍ପାତ ବଢୁଛି
■ ସୁପ୍ରିମ କୋର୍ଟ ନିର୍ଦ୍ଦେଶକୁ ଅବମାନନା

ମାସେ କି ବର୍ଷେ ନୁହେଁ, କେଉଁ ଅଗ୍ରହନ କାଳରୁ କାଞ୍ଜିଆହୁଦାର ପରିକଳ୍ପନା କରାଯାଇଥିଲା। ଷଣ୍ଢ, ଗାଈ, ଛେଳି, ମେଣ୍ଢା ଆଦି ପ୍ରାଣୀଙ୍କ ଯୋଗୁ ଲୋକଙ୍କ ଫସଲହାନି ରୋକିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିସହ ଏହି ପ୍ରାଣୀଙ୍କ ଯୋଗୁ କ୍ଷୟକ୍ଷତି ଯେପରି ନ ହେବ ସେନେଇ ପଦକ୍ଷେପ ନିଆଯାଉଥିଲା। କାଞ୍ଜିଆହୁଦା ଯୋଗୁ ବାସ୍ତବରେ ଅନେକ ଉପକାର ହେଉଥିଲା। କେହି ତାଙ୍କ ଗାଈ ଆଦି ଖୋଲାରେ ଛାଡ଼ିବାକୁ ଡରୁଥିଲେ। କାରଣ ଫସଲ ଖାଉଥିବା ବା ନଷ୍ଟ ହେଉଥିବା ଅଭିଯୋଗ ଉପରେ କାଞ୍ଜିଆହୁଦାରେ ନିୟୋଜିତ କର୍ମଚାରୀମାନେ ପଦକ୍ଷେପ ନେଉଥିଲେ। ଏଥିରେ ନିଯୁକ୍ତ କର୍ମଚାରୀ ଯଥା ବିଧିରେ ଗୋରୁ ଓ ମଇଁଷି ଆଦିଙ୍କୁ ଧରି ନେଇ କାଞ୍ଜିଆହୁଦାରେ ଭର୍ତ୍ତି କରି ଦେଉଥିଲେ। ତା ପରେ ଗୋରୁ, ମଇଁଷି ମାଲିକ ଜରିମାନା ଦେଇ ମୁକୁଳାଉଥିଲେ। ଏହାଦ୍ୱାରା ଲୋକେ ସତର୍କ ହେବା ସହ ପୁନଃ ଭୁଲ୍ କରିବାକୁ ଡରୁଥିଲେ। କିନ୍ତୁ ଆଜି ଏହି ଯୋଜନା ପ୍ରହସନ ପାଲଟିଛି। ରାଜ୍ୟର ଅଧିକାଂଶ ସ୍ଥାନରେ କାଞ୍ଜିଆହୁଦା ଆଉ ଦେଖିବାକୁ ମିଳୁନାହିଁ। ସେଉଁଥିରେ ଜଗତସିଂହପୁର ଜିଲା ଅନ୍ୟତମ। କାଞ୍ଜିଆହୁଦା ଓ ଗୋଶାଳା ଅଭାବରୁ ଜିଲାରେ ବୁଲା ଗୋରୁଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏପରି କି ଜଗତସିଂହପୁର ସହରରେ କାଞ୍ଜିଆହୁଦାର ଆବଶ୍ୟକତା ଥିଲେ ସୁଦ୍ଧା ତାହା କରାଯାଉନାହିଁ। ସହରାଞ୍ଚଳରେ ଗୋ-ମହିଷାଦି ପ୍ରାଣୀଙ୍କ ଉପରେ ସୁପ୍ରିମକୋର୍ଟ କଟକଣା ଲଗାଇଥିଲେ ସୁଦ୍ଧା କୋର୍ଟଙ୍କ ଏହି ନିର୍ଦ୍ଦେଶ ପାଳନ ଭିତରେ ଲୁଚି ରହିଛି। ଯେଉଁ କାରଣରୁ ଗୋ ଚାଲାଣକାରୀମାନେ ଏହାର ଭରପୂର ଫାଇଦା ଉଠାଉ ଚାଲିଛନ୍ତି। ସେମାନେ ରାତିରେ ରାସ୍ତା ଗୋରୁ ଏହି ପ୍ରାଣୀମାନଙ୍କୁ ଟ୍ରକ୍‌ରେ ଉଠାଇ ବାହାରକୁ ଚାଲାଣ କରି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି, କାଞ୍ଜିଆହୁଦା ଏକ ସୁନ୍ଦର ପରିକଳ୍ପନା। ସହରର ଶ୍ରୀକୃଷ୍ଣ ଏକାଡେମୀ ପଡ଼ିଆ ପାର୍ଶ୍ୱରେ ଏକ କାଞ୍ଜିଆହୁଦା ବହୁ କାମରେ ଆସୁଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଓ ସରକାରଙ୍କ ଆନ୍ତରିକତା ଅଭାବ ଯୋଗୁ ଏହି ଯୋଜନା ଫସର ଫାଟିଯାଇଛି। ଏହାଦ୍ୱାରା ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଷଣ୍ଢ, ଗୋରୁ, ମଇଁଷି, ମାଙ୍କଡ ଆଦିଙ୍କ ଯୋଗୁ ବ୍ୟାପକ ଫସଲ ହାନି ଘଟୁଛି। ଏବେ ଅଧିକ ଦୁଗ୍ଧ ଉତ୍ପାଦନକାରୀ ଗାଈଙ୍କ ଚାହିଦା ବଢ଼ିଛି। ତେଣୁ ଲୋକେ ଏ ପ୍ରକାର ଗାଈ ରଖିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଗାଈ ଜନ୍ମ ଦେଲା ପରେ ମାଈ ଛୁଆ ହେଲେ ଖୁସି ହେବା ସହ ରଖୁଛନ୍ତି। ଅଣ୍ଡିରା ହେଲେ ଅନେକ ମହାଦେବଙ୍କ ନିକଟରେ ସମର୍ପଣ କରି ଦେଉଛନ୍ତି। ଏହାର କାରଣ ହେଉଛି ଆଗପରି ଆଉ ବିଲରେ ବଳଦର ଆବଶ୍ୟକତା ପଡୁନାହିଁ। ଟ୍ରାକ୍ଟର ସମେତ ଉନ୍ନତ କୃଷି ଯନ୍ତ୍ରପାତି ଚାରିଆଡେ ବହୁଳ ବ୍ୟବହାର ହେଉଛି। ଅପରପକ୍ଷେ ଅଣ୍ଡିରା ବାଛୁରୀ ବଡ ହୋଇ ଷଣ୍ଢ ହେଉଛନ୍ତି। ତା ପରେ ସେମାନେ ଚାରିଆଡେ ବୁଲି ଫସଲ ଖାଇବା ସହ ନଷ୍ଟଭ୍ରଷ୍ଟ କରୁଛନ୍ତି। ଏବେ ଷଣ୍ଢ ସଂଖ୍ୟା ଆଶାତୀତ ଭାବେ ବଢିଯାଇଛି। ଜଗତ୍‌ସିଂହପୁର ସହରରେ ୫୦ରୁ ଅଧିକ ଷଣ୍ଢ ବୁଲୁଛନ୍ତି। ସେମାନେ ଯେ କେବଳ ସହର ଓ ପାଖଆଖ ଜମିରୁ ଫସଲ ହାନୀ କରୁଛନ୍ତି ତାହା ନୁହେଁ, ଲୋକଙ୍କ ସାଧାରଣ ଜୀବନଯାତ୍ରାରେ ବାଧା ସୃଷ୍ଟି କରୁଛନ୍ତି। ଷଣ୍ଢ ଆକ୍ରମଣରେ ବିଗତଦିନରେ ସହରର ଏକାଧିକ ଲୋକ ଆହତ ହେବା ସହ କେତେଜଣଙ୍କର ମୃତ୍ୟୁ ହୋଇଥିବା ମଧ୍ୟ ନଜୀର ଅଛି। ଷଣ୍ଢ ଓ ଗାଈଙ୍କ ଯୋଗୁ ସହରରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଲୋକେ ନିରାପଦରେ ଯାତାୟତ କରିପାରୁନାହାନ୍ତି। ଢେଙ୍କାନାଳର ବାବନ୍ଧରେ ୪୬୨ ଏକର ଜାଗାରେ କେନ୍ଦ୍ର ସରକାର ସହାୟତାରେ ଏକ କେନ୍ଦ୍ର କରାଯାଇଥିଲା। ଏହି କେନ୍ଦ୍ରକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବୁଲା ଷଣ୍ଢ ନିଆଯାଉଥାଏ। କିନ୍ତୁ ଉକ୍ତ କେନ୍ଦ୍ରଟି ଦୀର୍ଘ ବର୍ଷ ହେବ ବନ୍ଦ ହୋଇଯାଇଛି। ଏବେ ଶୁଣିବାକୁ ମିଳୁଛି କେହି ଏହି କେନ୍ଦ୍ରରେ ଷଣ୍ଢ ଛାଡ଼ିଲେ ଦୈନିକ ୨୦ ଟଙ୍କା ହିସାବରେ ବାର୍ଷିକ ୭,୨୦୦ ଟଙ୍କା ଜମା କରିବାକୁ ପଡ଼ିବ। ତାହା ନ ହେଲେ ସେଠାରେ ଷଣ୍ଢ ଛାଡିବା ସମ୍ଭବ ନୁହେଁ। ଏହି କାରଣରୁ ଅନେକ ଷଣ୍ଢଙ୍କୁ ସ୍ଥାନାନ୍ତର କଥା ଚିନ୍ତା କରିପାରୁନାହାନ୍ତି। ସବୁଠାରୁ ବଡ କଥା ହେଲା ସରକାର ଏହା ଉପରେ ନୀରବ। ଫଳରେ ଚାରିଆଡେ ବୁଲା ଷଣ୍ଢ ସଂଖ୍ୟା ଚିନ୍ତାର କାରଣ ହୋଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ (ସିଡିଭିଓ)ଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଅତୀତରେ ଯେତିକି ଗାଈ ଜନ୍ମ କରୁଥିଲେ ସେଥିରୁ ୫୦% ଅଣ୍ଡିରା ହେଉଥିଲେ। କିନ୍ତୁ ଏବେ ଉନ୍ନତମାନର ଟିକା ପ୍ରୟୋଗ ଯୋଗୁ ଏହି ସଂଖ୍ୟା ଯଥେଷ୍ଟ କମିଛି। ତଥାପି ବୁଲା ଗାଈ, ଗୋରୁଙ୍କ ସଂଖ୍ୟା କମ୍ ନାହିଁ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲାର ଏକାଧିକ ସ୍ଥାନରେ ଗୋଶାଳା କରାଯିବା ପାଇଁ ଚିନ୍ତା କରାଯାଇଛି। ଜଗତ୍‌ସିଂହପୁର ସହର ନିକଟବର୍ତ୍ତୀ ଓଡ଼ିଶୋ ପାଖରେ ସରକାରଙ୍କ ତରଫରୁ ଏକ ଗୋଶାଳା ଓ କାଞ୍ଜିଆହୁଦା କରାଯିବାକୁ ସ୍ଥିର ହୋଇଛି। ଏହା କାର୍ଯ୍ୟକ୍ଷମ ହେଲେ ସେଠାରେ ପାଖାପାଖି ୧୫୦ଟି ଗାଈ, ଗୋରୁ ରହିବା ବ୍ୟବସ୍ଥା ହେବ। ସମସ୍ତ ଖର୍ଚ୍ଚ ସରକାର ବହନ କରିବେ। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହଙ୍କୁ ପଚାରିବାରୁ ସେ କହିଥିଲେ, କାଞ୍ଜିଆହୁଦା ନିର୍ମାଣ ପାଇଁ ଜମିର ଆବଶ୍ୟକତା ଥିବାରୁ ଜିଲାପାଳଙ୍କ ସହ କଥା ହୋଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଦୁର୍ଘଟଣାପ୍ରବଣ ବସନ୍ତପୁର ଛକରେ ବ୍ୟାରିକେଡ୍ ଦାବି

ରଘୁନାଥପୁର,୧୫।୧୨
(ରାଜେନ୍ଦ୍ର ନାରାୟଣ ସିଂହ)

ବିରିଡି ବ୍ଲକ ଅନ୍ତର୍ଗତ କଟକ-ଜଗତସିଂହପୁର ୫୫ ନଂ.ଜାତୀୟ ରାଜପଥର ବସନ୍ତପୁର ଛକ ଓ ତାର ଆଖପାଖରେ ମାସକ ମଧ୍ୟରେ ପ୍ରାୟ ୬/୭ ଟି ଛୋଟବଡ ଦୁର୍ଘଟଣା ଘଟି ଧନଜୀବନ ହାନି ହେଲାଣି। ଏହା ସ୍ଥାନୀୟ ଜନସାଧାରଣ ଓ ପଥଚାରୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ତେଣୁ ବସନ୍ତପୁର ଛକରେ ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ରାଜପଥରେ ଗାଡି ଚଳାଚଳବେଳେ ଛକ ବଜାର ବା ଜନଗହଳି ପୂର୍ଣ୍ଣ ସ୍ଥାନରେ ଗାଡି ଚଳାଚଳ ଉପରେ ପ୍ରଶାସନ ସ୍ତରରେ କୌଣସି ନିୟନ୍ତ୍ରଣ ରହୁନଥିବାରୁ ବେପରୁଆ ତଥା ଦ୍ରୁତଗତିରେ ଗାଡି ଚଳାଚଳ ନୀତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି। ଫଳରେ ଗାଡି ଦୁର୍ଘଟଣାରେ ଅନେକ ନିରୀହ ଜୀବନ ଚାଲିଯାଉଥିବାବେଳେ ଅନେକ ଦୁର୍ଘଟଣାର ଶିକାର ହୋଇ ଅକର୍ମଣ୍ୟ ହୋଇପଡୁଥିବା ନଜିର ରହିଛି। ପୂର୍ବରୁ ଅନେକ ଦୁର୍ଘଟଣା ଘଟି ଯାଇଥିବାବେଳେ ୨ଦିନ ତଳେ ସ୍ଥାନୀୟ ବସନ୍ତପୁର ଅଞ୍ଚଳର ଜଣେ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକାଙ୍କୁ ତାଙ୍କ ଘର ଆଗ ବସନ୍ତପୁର ଛକ ଉପରେ ଏକ ହାଇୱା ଧକ୍କା ଦେବା ଏବଂ ସମ୍ପୃକ୍ତ ମହିଳାଙ୍କ ମୃତ୍ୟୁ ଘଟିବା ଘଟଣା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି। ବାରମ୍ବାର ବସନ୍ତପୁର ଛକରେ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଥିବାରୁ ଛକର ବ୍ୟବସାୟୀ ତଥା ସ୍ଥାନୀୟ ଆଖପାଖ ଅଞ୍ଚଳର ଜନସାଧାରଣ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି। ଏହି ଛକର ରାସ୍ତା ଅତିକ୍ରମ କରି ପ୍ରତିଦିନ ଅଳକା ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯାତାୟାତ କରିଥାନ୍ତି। ଏହାଏକ ଜନଗହଳିପୂର୍ଣ୍ଣ ଛକ ହୋଇଥିବାରୁ ସାମ୍ଭାବ୍ୟ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଏହାର ଉଭୟ ପାର୍ଶ୍ୱରେ ବ୍ୟାରିକେଡ ବ୍ୟବସ୍ଥା କରିବାକୁ ଭାସ୍କର ଓଝା, ପ୍ରମୋଦ ଜେନା, ଶିବନାରାୟଣ ଜେନା, ଅମିତ ରାଉଳ, ବୈଷ୍ଣବ ଜେନା, ନରେଶ ଓଝା, ଅକ୍ଷୟ ପୃଷ୍ଟି, ପ୍ରଣବ ପ୍ରକାଶ ଓଝା, ଶିଶିର ପରିଡାଙ୍କ ସମେତ ବଜାରର ବ୍ୟବସାୟୀମାନେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଥାନାରେ ଗ୍ରାମବାସୀଙ୍କ ଅଭିଯୋଗ



ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ଏରସମା,୧୫।୧୨(ଦୀପ୍ତି ଖଣ୍ଡୁଆଳ)

**ବାତ୍ୟା ଆଶ୍ରୟସ୍ଥଳ ସ୍ଥାନ ନିରୂପଣକୁ ନେଇ ବିବାଦ**

ଏରସମା ବ୍ଲକ ଅନ୍ତର୍ଗତ କୁଞ୍ଜକୋଠି ପଞ୍ଚାୟତସ୍ଥିତ ଖୁରାଣ୍ଟୁଠ (କାଳିକୁଦ) ଗ୍ରାମରେ ନିର୍ମାଣ ହେବାକୁ ଯାଉଥିବା ବାତ୍ୟା ଆଶ୍ରୟସ୍ଥଳର ସ୍ଥାନ ନିରୂପଣକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହାର ସମାଧାନ ପାଇଁ ରବିବାର ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, କୁଞ୍ଜକୋଠି ଏକ ସମୁଦ୍ର ସଂଲଗ୍ନ ପଞ୍ଚାୟତ ହୋଇଥିବାରୁ ପ୍ରାକୃତିକ ବିପର୍ଯ୍ୟୟର ବହୁଳ ପ୍ରଭାବ ପଡିଥାଏ। ଗ୍ରାମବାସୀଙ୍କ ଦାବିକୁ ବିଚାରକୁ ନେଇ ପ୍ରଶାସନ ପକ୍ଷରୁ ସେଠାରେ ଏକ ବାତ୍ୟା ଆଶ୍ରୟସ୍ଥଳ ମଞ୍ଜୁରୀ କରାଯାଇଛି। ଗତ ୨୦୨୩ରେ ଓସଡ଼ମା ଓ ପ୍ରଶାସନର ମିଳିତ ତତ୍ତ୍ୱାବଧାନରେ ସ୍ଥାନ ନିରୂପଣ କରାଯାଇଥିଲା। ମାତ୍ର ନିର୍ମାଣଧୀନ ସ୍ଥାନରେ ଥିବା ସରକାରୀ ଜମିରୁ କିଛି ଅଂଶ ଜବରଦଖଲରେ ରହିଛି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଏହାର ସମାଧାନ ପାଇଁ ହରେକୃଷ୍ଣ ମଣ୍ଡଳ, ଚିନ୍ତାମଣି ମଣ୍ଡଳ, ଶମ୍ଭୁ ଜେନା, କାଳିଆ ସ୍ୱାଇଁ ପ୍ରମୁଖ ଦାବିକରିଛନ୍ତି।

# ପାରାଦୀପର ଉନ୍ନତି ଦ୍ରୁତଗତିରେ କରାଯିବ: ମନ୍ତ୍ରୀ ସମ୍ପଦ



ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କଲ୍ୟାଣୀ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

କୁଜଙ୍ଗ,୧୫।୧୨(ମନୋଜ ପ୍ରଧାନ)

ପାରାଦୀପରେ ଖୁବଶୀଘ୍ର ୨ ଲକ୍ଷ କୋଟି ଟଙ୍କା ପୁଞ୍ଜି ନିବେଶରେ ବିଭିନ୍ନ ଶିଳ୍ପ ସଂସ୍ଥା ପ୍ରତିଷ୍ଠା ହେବ। ସେଥିରେ ସ୍ଥାନୀୟ ଲୋକେ ପରୋକ୍ଷ ଓ ପ୍ରତ୍ୟେକ୍ଷ ଭାବେ ନିଯୁକ୍ତି ସୁଯୋଗ ପାଇବେ। ଏହି ଶିଳ୍ପ ସଂସ୍ଥାମାନଙ୍କ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ମାଧ୍ୟମରେ ଗାଁଗୁଡ଼ିକର ବିକାଶ କରାଯିବ। ଏହା ହିଁ ତାଙ୍କର ସଂକଳ୍ପ ବୋଲି ରାଜ୍ୟ ଶିଳ୍ପ, ଦକ୍ଷତା, ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ରବିବାର କୁଜଙ୍ଗ ବ୍ଲକ ବିଶ୍ୱାଳି ପଞ୍ଚାୟତର ଏକ କଲ୍ୟାଣ ମଣ୍ଡପ ଓ ମିଶନ ଶକ୍ତି ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରି ମନ୍ତ୍ରୀ କହିଥିଲେ, ନିର୍ବାଚନ ସମୟରେ ଭାଜପା ଯେଉଁ ସବୁ ପ୍ରତିଶ୍ରୁତି ଦେଇଥିଲା ମୋହନ ସରକାର ପାଞ୍ଚ ବର୍ଷ ମଧ୍ୟରେ ପାଳନ କରିବ। ପାରାଦୀପ ନିର୍ବାଚନ ମଣ୍ଡଳୀରେ ଥିବା ସହର, ବଜାର ଓ ଗାଁଗୁଡ଼ିକର ଦୃତ ଗତିରେ ବିକାଶ ହେବ। ମିଶନ ଶକ୍ତି ମା'ମାନଙ୍କ ଆର୍ଥିକ ପ୍ରଗତି ନିମନ୍ତେ ଶିଳ୍ପସଂସ୍ଥା ମାନେ କିପରି ବିଭିନ୍ନ ଉତ୍ପାଦ ପାଇଁ ଆର୍ଥିକ ସହାୟତା ଯୋଗାଇଦେବେ ସେଥିପାଇଁ ସେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବରେ ଆଇନଜୀବୀ ସଞ୍ଜୟ ବେହେରା ଅଧ୍ୟକ୍ଷତା କରିଥିବାବେଳେ ଅନ୍ୟତମ ଅତିଥି ଭାବେ ଯୁବ ସଙ୍ଗଠକ ବିଘ୍ନେଶ ସାମଲ, ମନ୍ତ୍ରୀଙ୍କ କୁଜଙ୍ଗ ବ୍ଲକ ପ୍ରତିନିଧି ଦିଲ୍ଲୀପ ବେହେରା, ସଂଯୁକ୍ତା ସାମଲ ଓ ପ୍ରବୀର ରାଉତ ପ୍ରମୁଖ ଯୋଗଦେଇଥିଲେ।

# ଥାନା ଘେରାଉକଲେ ବଙ୍ଗାଳିପଡ଼ା ବାସିନ୍ଦା

ପାରାଦୀପ,୧୫।୧୨(ଶରତ ରାଉତ)

**ସୁକେଶ ମଣ୍ଡଳ ହତ୍ୟାକାଣ୍ଡ ଅଭିଯୋଗ ଘଟଣା**



ଆଦର୍ଶ ଥାନା ଘେରାଉ କରିଥିବା ଗ୍ରାମବାସୀ।

ପାରାଦୀପ ଆଦର୍ଶଥାନାର ପିସିଆର ଚାଳକ ସୁକେଶ ମଣ୍ଡଳଙ୍କ ହତ୍ୟା ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି କରି ରବିବାର ସନ୍ଧ୍ୟାରେ ବଙ୍ଗାଳିପଡା ବାସିନ୍ଦା ପାରାଦୀପ ଆଦର୍ଶ ଥାନା ଘେରାଉ କରିଛନ୍ତି। ଏନେଇ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ସେମାନେ ଥାନା ଗେଟ୍ ଆଗରେ ଧାରଣା ଦେବାପରେ ଲୋକଙ୍କ ସହ ପୋଲିସ ଆଲୋଚନା କରିଛି। ଆସନ୍ତା ୩ ଦିନ ମଧ୍ୟରେ ଫରେନସିକ୍ ରିପୋର୍ଟ ଆସିଲା ପରେ ପୋଲିସ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଡିଏସ୍‌ପି ସନ୍ତୋଷ ଜେନା ଓ ଏଏସପି ସ୍ମୃତିରଞ୍ଜନ କର କହିଛନ୍ତି। ଏହାପରେ ଧାରଣାକାରୀ ଫେରିଛନ୍ତି। ବଙ୍ଗାଳିପଡା ବାସିନ୍ଦାଙ୍କ ସହ କଂଗ୍ରେସ ନେତା ନିରଞ୍ଜନ ନାୟକ, ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ ଓ ଅନ୍ୟମାନେ ଥିଲେ।

ସୂଚନାଯୋଗ୍ୟ, ପାରାଦୀପ ଆଦର୍ଶଥାନାରେ ପିସିଆର ଚାଳକ ଭାବେ କାମ କରୁଥିବା ସୁକେଶ ମଣ୍ଡଳଙ୍କ ଗଳିତ ମୃତଦେହକୁ ପୋଲିସ ଅଗଷ୍ଟ ୩୧ ରେ ମଧୁବନ ଟେଲିଫୋନ କଲୋନୀ ସମ୍ମୁଖ ପରିତ୍ୟକ୍ତ ଜାଗାରୁ ଠାବକରିଥିଲା। ସୁକେଶ ଅଗଷ୍ଟ ୨୧ରୁ ନିଖୋଜ ଥିବା ନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ ପୋଲିସ ସେପରି ତତ୍ପରତା ଦେଖାଇ ନ ଥିଲା। ମୃତଦେହ ମିଳିବା ପରେ ସୁକେଶଙ୍କୁ ହତ୍ୟା କରାଯାଇଥିବା ନେଇ ବାପା ସୁନିଲ ମଣ୍ଡଳ ହତ୍ୟା ଅଭିଯୋଗ କରିଥିଲେ। ଏଥିରେ ଏକ କମ୍ପାନୀ ମ୍ୟାନେଜର ଭୂମିକା ରହିଛି ବୋଲି ଉଲ୍ଲେଖ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୨୧୯/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଏପରିକି ଘଟଣା ସ୍ଥଳରେ ଫରେନ୍‌ସିକ ଯାଞ୍ଚ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। କିନ୍ତୁ ଏହି ହତ୍ୟାକାଣ୍ଡ ଘଟଣାରେ ପୋଲିସ ଏପର୍ଯ୍ୟନ୍ତ କାହାକୁ ଗିରଫ କରିନାହିଁ। ଏନେଇ ବଙ୍ଗାଳିପଡା ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଘଟଣାରେ ପୂର୍ବରୁ ଦୁଇଥର କ୍ୟାଣ୍ଡେଲ ରାଲି କରାଯାଇଥିଲା ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ରବିବାର ମଧୁବନ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମହାତ୍ମାଗାନ୍ଧୀ ପ୍ରତିମୂର୍ତ୍ତି ପାଖରୁ ଶୋଭାଯାତ୍ରା କରାଯାଇଥିଲା। ଏହାପରେ ମହିଳା, ପୁରୁଷମାନେ ଥାନା ଆଗରେ ଧାରଣା ଦେଇଥିଲେ। ଘଟଣା ସମ୍ପର୍କରେ କଂଗ୍ରେସ ନେତା ନାୟକ କୁହନ୍ତି, ପୋଲିସର ଜଣେ ଚାଳକ ହତ୍ୟା ଘଟଣାରେ ଏପର୍ଯ୍ୟନ୍ତ ନିରବ ରହିଛି। ଏନେଇ ସେ ରାଜ୍ୟରେ ଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି।

# ବାଲିଘର ସାହିତ୍ୟ ସମ୍ମାନ ପାଇବେ ଡ.ହୃଷିକେଶ ମଲ୍ଲିକ

ତିର୍ତ୍ତୋଲ, ୧୫।୧୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ବିଶିଷ୍ଟ ସାହିତ୍ୟିକ ଡ଼ ହୃଷିକେଶ ମଲ୍ଲିକଙ୍କୁ ୨୦୨୫ ଲାଗି ମର୍ଯ୍ୟାଦାଜନକ ବାଲିଘର ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ତିର୍ତ୍ତୋଲ ବ୍ଲକ କନକପୁର ମା'ଶାରଳାଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ରବିବାର ଅନୁଷ୍ଠାନ ତରଫରୁ ଏ ବିଷୟରେ ଘୋଷଣା କରାଯିବା ସହ

ଅନ୍ୟାନ୍ୟ ସମ୍ମାନ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଜିଲାର ଏହି ସର୍ବ ପୁରାତନ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ତଥା ବାଲିଘର ଫାଉଣ୍ଡେଶନର ୩୫ ତମ ବାର୍ଷିକ ଉତ୍ସବ ଆସନ୍ତା ଫେବୃୟାରୀ ୧୬ରେ ଅନୁଷ୍ଠିତ ହେବ। ଏଥିରେ ସାହିତ୍ୟ ଆଲୋଚନା, କବିତା ପାଠୋତ୍ସବ ଆଦି କରାଯିବା ସହ ପ୍ରତିଷ୍ଠିତ ସାହିତ୍ୟିକମାନଙ୍କୁ ସମ୍ମାନିତ କରିବାକୁ ସ୍ଥିର କରାଯାଇଛି। ଫାଉଣ୍ଡେଶନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଓ ସ୍ଥାୟୀ ସଭାପତି ଅଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ବାଲିଘର ଫାଉଣ୍ଡେଶନର ଉପଦେଷ୍ଟା ଉମାକାନ୍ତ ନାୟକ, ଗାଳ୍ପିକ ପୂର୍ଣ୍ଣ ମିଶ୍ର, ପରୀକ୍ଷିତ ମହାନ୍ତି, ସାମାଜିକ କର୍ମୀ ସୁରେଶ ଚନ୍ଦ୍ର ଯୋଗିଣିଆ, ଆକାଶବାଣୀର ଗୀତିକାର ଇନ୍ଦ୍ରମଣି ସାହୁ, ନାଟ୍ୟକାର ଗଣେଶ ମହାନ୍ତି, କବି ବଂଶୀଧର ବେହେରା, ଡ. ପ୍ରତାପ କୁମାର ମହାପାତ୍ର, କବି ବିଜୟ ଖଟେଇ, ଶ୍ରୀକାନ୍ତ ଦାଶ, ରମାକାନ୍ତ ରାଉଳ, ଗୌରାଙ୍ଗ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିବା ସହ ଆଗାମୀ ବାଲିଘର ଉତ୍ସବକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି ଅବସରରେ ଏକ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପରିଶେଷରେ ଅନୁଷ୍ଠାନର ସଙ୍ଗଠନ ସମ୍ପାଦକ ଅମର ଜ୍ୟୋତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂଜ୍ୟପୂଜା ଏକ ସୁସ୍ଥ ସାମାଜିକ ପରମ୍ପରା



ଟ୍ରଷ୍ଟର ବାର୍ଷିକ ଉତ୍ସବ୍ୟରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

ଏରସମା, ୧୫।୧୨(ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶନିବାର ପୂଜ୍ୟପୂଜା ସଂସଦ ଚାରିଟେବଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଯଯାତି କେଶରୀ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ପଣ୍ଡିତ ନାଗୁଚରଣ ଦେବତା ସଭାପତିତ୍ୱ କରିଥିଲେ। ସଭାରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ପୂଜ୍ୟପୂଜା ଏକ ସୁସ୍ଥ ସାମାଜିଜ ପରମ୍ପରା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରମିକନେତା ଜୟନ୍ତ କୁମାର ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ରର ଚେୟାରମ୍ୟାନ ମହେଶ୍ୱର ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ କୁମାର ପ୍ରଧାନ, ଗଙ୍ଗୋତ୍ରୀର ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନ, ଓକିଲ ସଂଘର ପୂର୍ବତନ ସଭାପତି ଅକ୍ଷୟ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କ୍ଷୀରୋଦ ସେଠୀଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ହୋଇଥିଲା। ପ୍ରଶାନ୍ତ କୁମାର ସେଠୀ ସ୍ୱାଗତ ଭାଷଣ, ହୃଷୀକେଶ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ।

# ମୋ ଉପକାରୀ ବଗିଚାରେ ଅନିୟମିତତା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ନାଉଗାଁ,୧୫।୧୨(ସୁଧା ବେହୁରା)

**ସୂଚନା ଅଧିକାର ଆଇନରେ ମିଳୁନି ତଥ୍ୟ**

ନାଉଗାଁ ବ୍ଲକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ମୋ ଉପକାରୀ ବଗିଚା ପ୍ରକଳ୍ପ ନିର୍ମାଣ କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ ପୋଟାର୍ଲର ତଥ୍ୟକୁ ଆଧାର କରି ବ୍ଲକର ଏହି ପ୍ରକଳ୍ପରେ ଅନିୟମତତା ହୋଇଥିବା ନେଇ ୧୧ ଡିସେମ୍ବର ୨୦୨୪ରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ବ୍ଲକର ନାଉଗାଁ ପଞ୍ଚାୟତରେ ୮ ପ୍ରକଳ୍ପ ନିର୍ମାଣ କରାଯାଇଥିବା ବେଳେ ୬୪ଜଣ ହିତାଧିକାରୀ ସାମିଲ ହୋଇଛନ୍ତି। ଏ ବାବଦକୁ ୩ ଲକ୍ଷ ୪ ହଜାର ୮ଶହ ଟଙ୍କା ପ୍ରଦାନ କରାଯାଇଛି। କିନ୍ତୁ ଉକ୍ତ ପଞ୍ଚାୟତରେ ସରକାରଙ୍କ ନିୟମାନୁସାରେ ଗୋଟିଏ ହେଲେ ମୋ ଉପକାରୀ ବଗିଚା ପ୍ରକଳ୍ପ ଦେଖିବାକୁ ମିଳୁ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ସେହିପରି ବ୍ଲକର ୧୬ ପଞ୍ଚାୟତ ମଧ୍ୟରେ ୫ ପଞ୍ଚାୟତକୁ ଛାଡି ଦେଲେ ଅନ୍ୟ ପଞ୍ଚାୟତରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ଏହି ବିଷୟରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ତଥ୍ୟ ମିଳୁ ନଥିବା ତଥ୍ୟ ମାଗିଥିବା ସୂଚନା ଅଧିକାର କର୍ମୀ ପ୍ରକାଶ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ପଦାକୁ ଆସିପାରିବ ବୋଲି ସେ କହିଛନ୍ତି।

# ଟ୍ରକ୍ ମାଲିକ ସଂଘ ନିର୍ବାଚନ: କୁଜଙ୍ଗରେ ରଣନୀତି

କୁଜଙ୍ଗ,୧୫।୧୨
(ମନୋଜ ପ୍ରଧାନ)

ପାରାଦୀପର ସର୍ବ ପୁରାତନ ଟ୍ରକ୍ ମାଲିକ ସଂଘର ସାଧାରଣ ନିର୍ବାଚନ ଡିସେମ୍ବର୨୨ରେ ହେବାକୁ ଯାଉଛି। ଏହି ନିର୍ବାଚନ ପାରାଦୀପରେ ହେଉଥିଲେ ମଧ୍ୟ କୁଜଙ୍ଗରେ ରଣନୀତି ପ୍ରସ୍ତୁତି ଚାଲିଛି। ଏହି ପରିପ୍ରେକ୍ଷୀରେ ରବିବାର କୁଜଙ୍ଗର ମୁକ୍ତେଶର ମଣ୍ଡପରେ ବରିଷ୍ଠ ସଭ୍ୟ କୈଳାସ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ସଭାପତି ପ୍ରାର୍ଥୀ ସୁମନ୍ତ ବିଶାଳଙ୍କ ପ୍ୟାନେଲ ତରଫରୁ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସୁମନ୍ତ ବିଶାଳଙ୍କ ପ୍ୟାନେଲକୁ ସମର୍ଥନ କରି ପାଖାପାଖି ୪୦୦ରୁ ଊର୍ଦ୍ଧ୍ୱ ମାଲିକ ଯୋଗଦେଇଥିଲେ। ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ପ୍ରାର୍ଥୀ ରାଜେଶ ମହାନ୍ତି, ଉପସଭାପତି(କ) ପ୍ରାର୍ଥୀ ପ୍ରଦୀପ୍ତ ଗାହାଣ, ଉପସଭାପତି(ଖ) ପ୍ରାର୍ଥୀ ପ୍ରଭାତ କୁମାର ନାୟକ, ଯୁଗ୍ମ ସମ୍ପାଦକ (କ) ପ୍ରାର୍ଥୀ ସମ୍ବିତ ତ୍ରିପାଠୀ, ଯୁଗ୍ମ ସମ୍ପାଦକ(ଖ) ପ୍ରାର୍ଥୀ ସୂର୍ଯ୍ୟକାନ୍ତ ପରିଜା ଓ କୋଷାଧ୍ୟକ୍ଷ ପ୍ରାର୍ଥୀ ସ୍ମୃତି ରଞ୍ଜନ ସାମନ୍ତରାୟ, ବରିଷ୍ଠ ସଭ୍ୟ ପ୍ରଫୁଲ୍ଲ ପରିଡ଼ା, ହରେକୃଷ୍ଣ ବିଶାଳ, ପ୍ରମୋଦ ନାୟକ, ରଶ୍ମୀ ରଞ୍ଜନ ଦାସ(ବାବୁଲି ନନା), ସୁଦର୍ଶନ ସ୍ୱାଇଁ, ଅଜିତ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ସୁମନ୍ତ ବିଶାଳଙ୍କ ବିରୋଧରେ ସଭାପତି ପ୍ରାର୍ଥୀ ଭାବେ ବିରଞ୍ଚି ନାରାୟଣ ପରିଡ଼ା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

# ଶ୍ରୀକ୍ଷେତ୍ର ଉତ୍ସବରେ ବହୁ ଭକ୍ତଙ୍କ ସମାଗମ

ଜଗତ୍‌ସିଂହପୁର, ୧୫।୧୨
(ପ୍ରମୋଦ କୁମାର ନାୟକ)



**ସିଦ୍ଧ ବାରଙ୍ଗ ପୀଠ ଚଳଚଞ୍ଚଳ**
**ବିଳମ୍ବିତ ରାତିରେ ମାଳଚୂଳ ଉଠିଲା**

ଜଗତ୍‌ସିଂହପୁର ପୂର୍ଣ୍ଣଗ୍ରାମ (ପୂନଙ୍ଗ)ସ୍ଥିତ ସିଦ୍ଧ ବାରଙ୍ଗ ପୀଠର ମହିମା ଅପାର। ପ୍ରତିବର୍ଷ ପଣ୍ଡୁ ଚତୁର୍ଦ୍ଦଶୀରେ ଏହି ପୀଠରେ ଶ୍ରୀକୃଷ୍ଣ ଉତ୍ସବ ପାଳନ କରାଯାଏ। ଜିଲାର ଶହସ୍ରାଧିକ ଭକ୍ତଙ୍କ ସମାଗମ ହୁଏ। ବିଶେଷକରି ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଏକାଠି ହେବାର ଏହା ଅପୂର୍ବ ସୁଯୋଗ ସୃଷ୍ଟି କରେ। ଶ୍ରଦ୍ଧାଳୁମାନେ ମାଳଚୂଳ ଦର୍ଶନ ଏବଂ ଚରୁଅନ୍ନ ପାଇବା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଜାଗର ରହିଥାନ୍ତି। ରାତିରେ ପୀଠ ନିକଟବର୍ତ୍ତୀ ଜଙ୍ଗଲରେ ଚରୁଅନ୍ନ ପ୍ରସ୍ତୁତି ହେବା ସହ ସହସ୍ରାଧିକ ଚୁଲି ଲଗିବା ପ୍ରସଙ୍ଗ ସାଧାରଣରେ ଉତ୍କଣ୍ଠା ସୃଷ୍ଟି କରିଥାଏ। ତେଣୁ ଏହି ଦିନକୁ ପ୍ରତ୍ୟେକଙ୍କ ଅପେକ୍ଷା ଥାଏ। ଶନିବାର ଉକ୍ତ ପୀଠରେ ଶ୍ରୀକୃଷ୍ଣ ଉତ୍ସବ ମହା ସମାରୋହରେ ପାଳନ କରାଯାଉଥିବାରୁ ସହସ୍ରାଧିକ ଭକ୍ତଙ୍କ ସମାଗମ ନିଆରା ପରିବେଶ ସୃଷ୍ଟି କରିଥିଲା।

କିମ୍ବଦନ୍ତି ଅନୁଯାୟୀ, ୧,୫୦୦ ଶତାବ୍ଦୀରେ ଏହି ପୀଠର ମହାତ୍ମ୍ୟ ପ୍ରକାଶ ପାଇଥିଲା। ସେତେବେଳେ ପ୍ରତାପ ରୁଦ୍ର ଦେବ ପୁରୀ ରାଜା ଥିଲେ। ହିମାଳୟରେ ତପସ୍ୟା କରି ଶ୍ରୀକ୍ଷେତ୍ର ଅଭିମୁଖେ ଜଣେ ଅଷ୍ଟାଙ୍ଗ ଯୋଗୀ ଯାତ୍ରା କରିଥିଲେ। ତାଙ୍କ ନାମ ହେଉଛି ବାରଙ୍ଗ ଗୋସେଇଁ। ପୁରୀରେ ପଞ୍ଚ ଶଖାଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ବିଶେଷକରି ଶିଶୁ ଅନନ୍ତଙ୍କଠାରୁ ଗାରକଟା ବିଦ୍ୟା ଗ୍ରହଣ କରିଥିଲେ। ପରେ ଖଣ୍ଡଗିରି ଗୁମ୍ଫାରେ ତପସ୍ୟା କରିଥିଲେ। ତାଙ୍କର ୫ ଶିଷ୍ୟ ଯଥା ମୁଚୁକୁନ୍ଦ, ବାଉଳି, ବାଳକ ଗୋସେଇଁ, ଗିରିଧାରୀ ମହାରାଜ ଏବଂ ଗୁଣ୍ଡୁଚି ମଲିକ ଥିଲେ। ଏକଦା ଗୋସେଇଁ ମା'ଶାରଳାଙ୍କ ଦର୍ଶନ ପାଇଁ ଇଚ୍ଛା କରି ଯାତ୍ରା କରିଥିଲେ। ଶିଷ୍ୟମାନେ ଆଗପଛ ହୋଇ ଯାଉଥିଲେ। ମୁଚୁକୁନ୍ଦ ସୋମନାଥ ମହାଦେବଙ୍କ ମୂର୍ତ୍ତି ଧରିଥିଲେ। ତେବେ ବର୍ତ୍ତମାନର ହାଟ ବଜାରସ୍ଥିତ ମୁଚୁକୁନ୍ଦ ସୋମନାଥ ମହାଦେବ ମନ୍ଦିର ନିକଟରେ ସେତେବେଳେ ଅଳକା ନଦୀ ପ୍ରବାହିତ ହେଉଥିଲା। ମୁଚୁକୁନ୍ଦ ବାବାଙ୍କୁ ଜୋରରେ ଶୌଚ ଲାଗିବାରୁ ସେ ପାଖରେ ଛିଡା ହୋଇଥିବା ଜଣେ ଗାଈ ଚରାଳୀଙ୍କ ସହାୟତା ନେଇଥିଲେ। ମହାଦେବ ମୂର୍ତ୍ତି ତଳେ ନ ରଖିବାକୁ କହି ଶୌଚ ଚାଲି ଯାଇଥିଲେ। ଫେରିଲା ବେଳକୁ ଗାଈ ଚରାଳୀ ମହାଦେବଙ୍କୁ ତଳେ ରଖି କୁଆଡେ ପଳାଇଥିଲେ। ସ୍ୱପ୍ନାଦେଶ ହୋଇଥିଲା, ମୋତେ ଏହି ସ୍ଥାନରୁ ଉଠାଅ ନାହିଁ। ତା ପରେ ଏଠାରେ ମହାଦେବଙ୍କ ମନ୍ଦିର ନିର୍ମାଣ କରାଗଲା। ଯେହେତୁ ମହାଦେବ ଜଗତସିଂହପୁରରେ ରହିଲେ ତେଣୁ ଗୁରୁ ବାରଙ୍ଗ ଆଉ ଜଗତ୍‌ସିଂହପୁର ଛାଡିବାକୁ ଚାହିଁ ନ ଥିଲେ। ନିକଟବର୍ତ୍ତୀ ପୂନଙ୍ଗ ନିକଟରେ ଅବସ୍ଥାନ କରି ଧ୍ୟାନ, ତପସ୍ୟା ଆଦି କରୁଥିଲେ। ସେଠାରେ ସେ ଧର୍ମ ସାଙ୍ଗକୁ ସାମାଜିକ ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରିଥିଲେ। ଛୁଆଁ, ଅଛୁଆଁ ଭେଦଭାବ ନାହିଁ ବୋଲି ସେତେବେଳେ ପ୍ରଚାର କରିଥିଲେ। କାଳକ୍ରମେ ସେ ବାର୍ଦ୍ଧକ୍ୟ ଅବସ୍ଥାରେ ପହଞ୍ଚିଥିଲେ। ଜଗନ୍ନାଥଙ୍କୁ ବର୍ଷକୁ ଥରେ ସେ ଏହି ପୀଠରେ ଦର୍ଶନ କରିବାକୁ ପ୍ରାର୍ଥନା କରିଥିଲେ। ଏନେଇ ପୀଠ ନିକଟବର୍ତ୍ତୀ ଜଙ୍ଗଲରେ ଚରୁଅନ୍ନ ପ୍ରସ୍ତୁତ ହୋଇଥିଲା। ଗୋସେଇଁ ଅନ୍ନପୂର୍ଣ୍ଣା ସାଧକ ହୋଇଥିବାରୁ ମା'ଙ୍କ ଅନୁମତିକ୍ରମେ ଶ୍ରୀ ଜଗନ୍ନାଥଙ୍କୁ ସମର୍ପଣ କରିଥିଲେ। ସ୍ୱୟଂ ଭଗବାନ ଦର୍ଶନ ଦେଇ ଗୋସେଇଁଙ୍କ ମନସ୍କାମନା ପୂର୍ଣ୍ଣ ହେଲା ବୋଲି କହିଥିଲେ। ସେ ଦିନ ପଣ୍ଡୁ ଚତୁର୍ଦ୍ଦଶୀ ରାତ୍ର ପ୍ରାୟ ୪ଟା ହୋଇଥିଲା। ସେବେଠାରୁ ଏହି ଦିବସରେ ଗୋସେଇଁଙ୍କ ସିଦ୍ଧି ଦିବସ ବା ଶ୍ରୀକୃଷ୍ଣ ଉତ୍ସବ ପାଳନ କରାଯାଉଛି।

# ଭିଟାମାଟି ହରାଇବେ ୨୪ ପରିବାର

**ଦଶରଥପୁର,୧୫।୧୨ (ସୁଶାନ୍ତ କୁମାର ବେହୁରିଆ):**

**କୁଆଖିଆ-ସାତଭାୟା ୨୦ନଂ.ଜାତୀୟ ରାଜପଥ ନିର୍ମାଣ ପ୍ରସଙ୍ଗ**

- ଜମି ଅଧିଗ୍ରହଣରେ ତ୍ରୁଟି ଯୋଗୁ ବିବାଦ
- ଅସ୍ତିତ୍ୱ ହରାଇବ ଶହେ ବର୍ଷର ସ୍କୁଲ

ଯାଜପୁର ଜିଲା କୁଆଖିଆଠାରୁ ସାତଭାୟା ପର୍ଯ୍ୟନ୍ତ ନିର୍ମାଣଧୀନ ୨୦ନଂ.ଜାତୀୟ ରାଜପଥ କାମ ଚାଲୁ ରହିଛି । ଏହି ଦାୟିତ୍ୱରେ ଥିବା ଭୂଅର୍ଜନ ଅଧିକାରୀଙ୍କ ତ୍ରୁଟିପୂର୍ଣ୍ଣ ଜମି ଅଧିଗ୍ରହଣ ଯୋଗୁ ଦଶରଥପୁର ତହସିଲ ଅଧୀନ ବୌଲାଙ୍ଗ ରାଜସ୍ୱ ଗ୍ରାମର ୨୪ ପରିବାର ନିଜର ଭିଟାମାଟି ହରାଉ ଥିବା ବେଳେ ଶତାଧିକ ବର୍ଷର ବୌଲାଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ବୌଲାଙ୍ଗ ଅଙ୍ଗନୱାଡି କେନ୍ଦ୍ର ମଧ ନିଜର ଅସ୍ତିତ୍ୱ ହରାଇବାର ଆଶଙ୍କା ସୃଷ୍ଟି ହୋଇଛି । ଏ ନେଇ କ୍ଷତିଗ୍ରସ୍ତ ପରିବାରଙ୍କ ପକ୍ଷରୁ ହାଇକୋର୍ଟରେ ଏକ ମାମଲା(ନଂ.୧୩୨୯/୨୦୨୩)ରୁଜୁ କରାଯାଇଥିଲା । ହାଇକୋର୍ଟ ଏହି ମାମଲାର ବିଚାରକରି ଜମି ଅଧିଗ୍ରହଣ କାର୍ଯ୍ୟ ଉପରେ ରୋକ୍ ଲଗାଇବା ସହିତ ଏହି ଘଟଣାର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯାଜପୁର ଜିଲାପାଳ ପକ୍ଷରୁ ମିସ୍ କେଶନଂ. ୨୩/୨୦୨୩ରେ ସୁରେନ୍ଦ୍ର କୁମାର ସାହୁ, ମିର୍ ଇସ୍‌ଲାମ ଅଲି, ଖଗେଶ୍ୱର ବାରିକ,ନୀଳମଣି ବାରିକ, ବଟକୃଷ୍ଣ ସାହୁ, ପଦ୍ମଲାଭ ସାହୁ, ପ୍ରଫୁଲ୍ଲ ବାରିକ ଓ ରବି ସାହୁଙ୍କୁ ନୋଟିସ ଜାରି କରି ତା୧୩।୪।୨୦୨୩ରିଖରେ ଜିଲାପାଳଙ୍କ କୋର୍ଟରେ ହଜାର ହୋଇ ନିଜର ପକ୍ଷ ରଖିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ । ପକ୍ଷମାନଙ୍କ ଅଭିଯୋଗ ଶୁଣିବା ପରେ ଜିଲାପାଳ ଚିଠିନଂ. ୫୦୪ ତା୬।୯।୨୦୨୪ରିଖରେ ଏନ୍‌ଏଚ୍ ମୁଖ୍ୟଯନ୍ତ୍ରୀଙ୍କୁ ଏହି ଘଟଣାର ତଦନ୍ତ ପୂର୍ବକ ସମାଧାନ ନିମନ୍ତେ ଚିଠି ଲେଖିଥିଲେ । ମାତ୍ର ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କ ଜବାବ ଆସିବା ପୂର୍ବରୁ ଜିଲାପାଳଙ୍କ ଅଗୋଚରରେ ଭୂଅର୍ଜନ ଅଧିକାରୀ ବାରମ୍ବାର ଜମି ମାପଚୁପ କରିବାକୁ ଘଟଣାସ୍ଥଳକୁ ଅମିନ ଧରି ଆସୁଥିଲେ । ଜମି ଅଧିଗ୍ରହଣ ଦାୟିତ୍ୱରେ ଥିବା ଜିଲା ଭୂଅଧିଗ୍ରହଣ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକୁ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି । ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପତ୍ତିକୁ ସୁରକ୍ଷା ଯୋଗାଇ ଦେବା ଆଳରେ ଜିଲା ଜମିଅଧିଗ୍ରହଣ କାର୍ଯ୍ୟାଳୟ କର୍ତ୍ତୃପକ୍ଷ ଜମି ଅଧିଗ୍ରହଣରେ ଘୋର ଅନିୟମିତତା କରିଥିବା ଅଭିଯୋଗ ହୋଇଛି ।

ଗତ ଗୁରୁବାର ସମ୍ପୃକ୍ତ ଜମିର ସର୍ଭେ ଓ ମାପ ପାଇଁ ଯାଇଥିବା ଟିମ୍‌କୁ ଗ୍ରାମବାସୀ ବିରୋଧ କରିବାରୁ ସର୍ଭେ ଓ ମାପ କାର୍ଯ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ଗ୍ରାମବାସୀଙ୍କ ଅଭିଯୋଗମୁତାବକ ନିର୍ମାଣଧୀନ ୨୦ନଂ.ଜାତୀୟ ରାଜପଥ ଅନ୍ତର୍ଗତ ଦଶରଥପୁର ବ୍ଲକ ଡାହାଣ ହତା ପଞ୍ଚାୟତ ବୌଲାଙ୍ଗ ମୌଜାରେ ଥିବା ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପତ୍ତିକୁ ସୁରକ୍ଷା ଦେବାକୁ ଯାଇ ଜମି ଅଧିଗ୍ରହଣ ଅଧିକାରୀ ବେଆଇନ ଭାବେ ରାସ୍ତାର ନକ୍ସାକୁ ପରିବର୍ତ୍ତନ କରି ମୁଖ୍ୟ ରାସ୍ତାକୁ ବାଦ୍ ଦେଇ ଅର୍ଦ୍ଧଚନ୍ଦ୍ର ଆକାରର ପ୍ରାୟ ୫ ଶହ ମିଟର ରାସ୍ତା ଜନବସତି ମଧ୍ୟରେ ନେଇଛନ୍ତି । ଫଳରେ ବୌଲାଙ୍ଗ ମୌଜାର ୨୪ରୁ ଅଧିକ ପରିବାରଙ୍କ ନିଜ ପୂର୍ବପୁରୁଷଙ୍କ ଭିଟାମାଟି ହରାଇବାକୁ ଯାଉଛନ୍ତି । ସେହିପରି ଜମି ଅଧିଗ୍ରହଣ କର୍ତ୍ତୃପକ୍ଷ ଏହି ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳରେ ଥିବା ଶହେ ବର୍ଷର ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଛେଦ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି । ଏହି କଥା ଜାଣିବା ପରେ ଗ୍ରାମବାସୀ ଦଶରଥପୁର ତହସିଲଦାର, ଜିଲା ଭୂ-ଅର୍ଜନ ଅଧିକାରୀଙ୍କଠାରୁ ଆରମ୍ଭ କରି ତତ୍କାଳୀନ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ନିକଟରେ ଲିଖିତ ଭାବେ ଫେରାଦ ହୋଇଥିଲେ । ଜିଲାପାଳ ରାଠୋର ଗ୍ରାମବାସୀଙ୍କୁ କୌଣସି ପରିସ୍ଥିତିରେ ରାସ୍ତା ନିର୍ମାଣ ଆଳରେ ଉଚ୍ଛେଦ କରାଯାଇପାରିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଏବେ ଜିଲାରେ ଯୋଗଦେଇଥିବା ଭୂ-ଅର୍ଜନ ଅଧିକାରୀ ସାହେବରାମ ବାସ୍କେ ବେଆଇନ ଭାବେ ପୁନର୍ବାର ବୌଲାଙ୍ଗ ମୌଜାରେ ଶତାଧିକ ବର୍ଷ ଧରି ଘର କରି ରହିଥିବା ୨୪ରୁ ଊର୍ଦ୍ଧ୍ୱ ପରିବାରକୁ ଉଚ୍ଛେଦ କରିବାକୁ ଷଡଯନ୍ତ୍ର କରୁଛନ୍ତି । ଏହି କ୍ରମରେ ଗତ ଗୁରୁବାର ଜିଲା ଭୂ-ଅର୍ଜନ ଅଧିକାରୀ ବାସ୍କେଙ୍କ ନେତୃତ୍ୱରେ ଏକ ସର୍ଭେ ଓ ମାପ ଦଳ ଜମି ଚିହ୍ନଟ ପାଇଁ ବୌଲାଙ୍ଗରେ ପହଞ୍ଚି ଥିଲେ । ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ । ଗ୍ରାମବାସୀଙ୍କ ବିରୋଧକୁ ଦୃଷ୍ଟି ରଖି ଜମି ଚିହ୍ନଟ ଓ ମାପ ପାଇଁ ଯାଇଥିବା ଦଳ ଗ୍ରାମରୁ ଖାଲିହାତରେ ଫେରିବାକୁ ବାଧ ହୋଇଥିଲେ । ତେଣୁ ଅବିଳମ୍ବେ କ୍ଷତିଗ୍ରସ୍ତ ପରିବାର ଓ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୂତନ ଜିଲାପାଳ ପି.ଅନ୍ୱେଷା ଓ ରାଜ୍ୟ ସରକାର ଏହି ସମସ୍ୟା ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି । ନଚେତ୍ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।


ଜମି ଅଧିଗ୍ରହଣରେ ଉଚ୍ଛେଦ ହେବାକୁ ଥିବା ଶତାଧିକ ବର୍ଷର ସ୍କୁଲ ।

# ମା' ହିଙ୍ଗୁଳା କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଅତିଥି ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି ।

**ରସୁଲପୁର,୧୫।୧୨(ରଞ୍ଜିତ ରାଉତ):**

**ବାରବାଟୀ, ପଥରପଦା, ପାଣିକୋଇଲି, ଇଚ୍ଛାପୁର କ୍ରିକେଟ ଟିମ୍ ବିଜୟୀ**

ରସୁଲପୁର ବ୍ଲକ ଅନ୍ତର୍ଗତ ସୁଆଁସାହି ଗ୍ରାମର ପାଳଖଳା ଖେଳ ପଡ଼ିଆରେ ମା' ହିଙ୍ଗୁଳା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଜିଲାସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିବସରେ ବାରବାଟୀ, ପଥରପଦା, ପାଣିକୋଇଲି, ଇଚ୍ଛାପୁର କ୍ରିକେଟ ଦଳ ପ୍ରତିପକ୍ଷ ଦଳମାନଙ୍କୁ ପରାଜିତ କରି ବିଜୟ ହୋଇଛନ୍ତି । ମୁଖ୍ୟଅତିଥି ଭାବେ ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତ ଯୋଗଦେଇ ଉକ୍ତ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ମା' ହିଙ୍ଗୁଳା କମିଟିର କାର୍ଯ୍ୟକାରୀ ସଭାପତି ଶଶିଭୂଷଣ ପରିଡା, ପୂର୍ବତନ ସଭାପତି ରମାକାନ୍ତ ଦାସ, ଯୁବନେତା ମନୋଜ ରାଉତ, ସରୋଜ ରାଉତ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପ୍ରତ୍ୟେକ ଖେଳାଳି ହାରଜିତ୍ ଉପରେ ଧ୍ୟାନ ନ ଦେଇ ଖେଳରେ ଶୃଙ୍ଖଳା ବଜାଇ ରଖିବାକୁ ପରାମର୍ଶ ଦେଇଥିଲେ ।

ଏହି ଟୁର୍ନାମେଣ୍ଟରେ ବାରବାଟୀ, ଗୋପିନାଥପୁର, ଇଚ୍ଛାପୁର, ଇଲେଭେନ ଷ୍ଟାର, ସାନରମ୍ପେଇ, ପାଣିକୋଲି, ପଥରପଦା, ବରୁଆଁ ଆଦି ୮ କ୍ରିକେଟ୍ ଦଳ ଯୋଗଦେଇଥିଲେ । ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ପ୍ରତ୍ୟେକ ଦଳ ପ୍ରତି ଦଳ ସହ ମୁକାବିଲା କରିବେ । ଉଦ୍‌ଘାଟନୀ ଦିବସରେ ଅନୁଷ୍ଠିତ ୧୨ ଓଭର ବିଶିଷ୍ଟ ୪ମ୍ୟାଚ୍‌ରେ ୪ ଦଳ ସେମାନଙ୍କ ବିପକ୍ଷ ଦଳମାନଙ୍କୁ ପରାଜିତ କରି ଆଗୁଆ ରହିଥିବା ବେଳେ ଅନ୍ୟ ଦଳମାନଙ୍କୁ ନେଇ ସୋମବାର ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ପର୍ଶୁରାମ ପରିଡ଼ା,ଆଲୋକ ସାହୁ, ସନାତନ ସାହୁ, ଅଭୟ ପାଣି ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଆୟୋଜକ କମିଟି ପକ୍ଷରୁ ନିରଞ୍ଜନ ପରିଡା(ନାଲୁଆ) ସଞ୍ଜୀବ ରାଉତ, ଅଜୟ ପରିଡା, ପ୍ରଦୀପ ପରିଡା, ରଶ୍ମିରଞ୍ଜନ ପରିଡା, ସନାତନ ନାୟକ, ନିରଞ୍ଜନ ପରିଡା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ଏହି ଟୁର୍ନାମେଣ୍ଟ ୬ଦିନ ଚାଲିବ ।

# ଧର୍ମଶାଳା ମିଡ଼ିଆ କ୍ଲବ ପକ୍ଷରୁ ବନ୍ଧୁ ମିଳନ

**ଚଢ଼େଇଧରା,୧୫।୧୨(ଦିଲିପ ପରିଡ଼ା):**

ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦେଉଳି ପାହାଡ଼ଠାରେ ଧର୍ମଶାଳା ମିଡ଼ିଆ କ୍ଲବ ପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସମ୍ପାଦକ ଆନନ୍ଦ ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଥାନାଧିକାରୀ ତପନ ନାୟକ ଯୋଗ ଦେଇଥିଲେ । ଉପଦେଷ୍ଟା ବସନ୍ତ ନାୟକ, ସହ ସମ୍ପାଦକ ଗୟାଧର ନାୟକ, ଅଶୋକ ଦାସ, ସୁଶାନ୍ତ ଗୋଛାୟତ, ରାଜ ତିଲକ ମହାନ୍ତି, ସୂର୍ଯ୍ୟନାରାୟଣ ଭୂୟାଁ, କାର୍ଯ୍ୟକାରୀ ସଭାପତି ଆୟଶକାନ୍ତ ରାଉତ, ଗଗନ ଦାସ, ରାଜ ତିଲକ ମହାନ୍ତି ପ୍ରମୁଖ ଯୋଗ ଦେଇଥିବା ବେଳେ ଶୁଭକାନ୍ତ ନାୟକ, ପ୍ରଫୁଲ୍ଲ କୁମାର ରାଉତ ଓ ବାପିନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ୟସ୍ତ ବହୁଳ ଜୀବନ ମଧ୍ୟରୁ ବାହାରି ଟିକିଏ ଫୁରୁସତରେ ଏକତ୍ର ହୋଇ ସାମାଜିକ ସମ୍ପର୍କ ସହିତ ଭାଇଚାରା ସୃଷ୍ଟି କରିବା ଲକ୍ଷ୍ୟରେ ସଂଘ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସମ୍ପାଦକ ମହାରଣା ସୂଚନା ଦେଇଥିଲେ । ଏହି ଅବସରରେ ଥାନାଧିକାରୀ ତପନ ନାୟକ ଓ ଏସ୍‌ଆଇ ଆବେଦିନଙ୍କୁ ସଂଘ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ଗୟାଧର ନାୟକ ଓ ଅଶୋକ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ଦିନରେ ସଂଘର ହିତ ସହିତ ଜଡ଼ିତ ସମସ୍ତଙ୍କୁ ନେଇ ସାମାଜିକ କାର୍ଯକ୍ରମ ସୁଦୃଢ଼ କରାଯିବ ବୋଲି ମହାରଣା ଓ ନାୟକ ଗୁରୁତ୍ୱ ଦେଇଥିଲେ ।

# ମାର୍ଚ୍ଚ ୧୧ରୁ ଯୁବ ମହୋତ୍ସବ


ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେଶନର ବାର୍ଷିକ ଅଧିବେଶନରେ ଯୋଗଦେଇଥିବା ଫାଉଣ୍ଡେଶନର କର୍ମକର୍ତ୍ତା ।

**ଯାଜପୁରରୋଡ଼,୧୫।୧୨(ପବିତ୍ର ରଞ୍ଜନ ମହାନ୍ତି):**

**ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେଶନର ବାର୍ଷିକ ଅଧିବେଶନ**

ବ୍ୟାସନଗରସ୍ଥିତ ଏନସି ହାଇସ୍କୁଲ ପ୍ରାଙ୍ଗଣରେ ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେଶନର ବାର୍ଷିକ ଅଧିବେଶନ ଡ଼.ଦୁଷ୍ମନ୍ତ କୁମାର ନାୟକଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଡ.ପଣ୍ଡା ବୈଠକର ବିବରଣୀ ପ୍ରଦାନ କରିବା ସହ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଆସନ୍ତା ମାର୍ଚ୍ଚ ୧୧ରୁ ୧୬ମାର୍ଚ୍ଚ ପର୍ଯ୍ୟନ୍ତ ୬ଦିନ ଧରି ଯାଜପୁର ଜିଲା ଯୁବ ମହୋତ୍ସବ ଯାଜପୁରରୋଡ଼ଠାରେ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିରେ ଜିଲାର କଳା, ସଂସ୍କୃତି, ସାହିତ୍ୟ, କ୍ରୀଡା, ନାଚ ଓ ଗୀତ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ସହ ପଲ୍ଲିଶ୍ରୀ ମେଳା ଓ ଖାଦ୍ୟମେଳା ଆଦି ସାମିଲ କରାଯିବ ।

ଉକ୍ତ ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଉପଦେଷ୍ଟା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଗୋକୁଳା ନନ୍ଦ ବିଶ୍ୱାଳ, ଶିବଚରଣ ମାଝୀ, ଡ.କୁଶ ଚନ୍ଦ୍ର ପ୍ରଧାନ, ଉଷାରାଣି ସାମଲ, ଖବରଦାତା ଚିନ୍ତାମଣି ପାଢ଼ୀ, ଶ୍ରମିକ ନେତା ପ୍ରଫୁଲ ନାୟକ, ନରେନ୍ଦ୍ର କୁମାର ଜେନା, ମାଧବାନନ୍ଦ ବଳ, ଅର୍ଜ୍ଜୁନ କୁମାର ରାଉତ, ମମତାଜ ଅଲ୍ଲୀଙ୍କୁ ମନୋନୀତ କରାଯାଇଛି ବୋଲି ସଭାପତି ଡ.ନାୟକ, କାର୍ଯ୍ୟକାରୀ ସଭାପତି ପ୍ରାକ୍ତନ ଉପନଗରପାଳ ହୃଦାନନ୍ଦ ସାମଲ, ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତି, ସଙ୍ଗଠନ ସମ୍ପାଦକ ନିରଞ୍ଜନ ଘଡ଼ାଇ, ସମ୍ପାଦକ ଅଶ୍ୱିନୀ କୁମାର ଦାଶ, ଉପସଭାପତି ଚନ୍ଦ୍ରମଣି ସାମଲ, ହୃଷିକେଶ ସାହୁ, ଅଶୋକ କୁମାର ରାଉତ, ନିତ୍ୟାନନ୍ଦ ମହାଳିକ, ପୀତବାସ ଭୂୟାଁ,ମନୋରଞ୍ଜନ ହରିଚନ୍ଦନ ସିଂ, ଦିଲ୍ଲୀପ କୁମାର ଦାଶ, ବିଭୂତି ଭୂଷଣ ପାଳ,କୃଷ୍ଣକାନ୍ତ ପଣ୍ଡା, କୈଳାଶ ଚନ୍ଦ୍ର ପରିଡା, ଦେବେନ୍ଦ୍ର କୁମାର ସାମଲ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବୋଷ, ସରୋଜ କୁମାର ଦେ, ପ୍ରଦୀପ କୁମାର ସାମଲ, ପ୍ରଶାନ୍ତ କୁମାର ରାୟ, ଅଭିମନ୍ୟୁ ରାଉତ, ସହ ସମ୍ପାଦକ କୈଳାଶ କୁମାର ରାଉତ, ଇଂ.ଦିଗନ୍ତ କୁମାର ରାଉତ, ପ୍ରଫୁଲ୍ଲ କୁମାର ନାୟକ,କୈଳାଶ କୁମାର ଯେନା, ଅର୍ଥ ସମ୍ପାଦକ ରଘୁନାଥ ବେହେରା, ଜନସମ୍ପର୍କ ସମ୍ପାଦକ ଅକ୍ଷୟ କୁମାର ପଣ୍ଡା, ସମାଜସେବା ସମ୍ପାଦକ ଜ୍ଞାନରଞ୍ଜନ ରାଉତ, ମିଡିଆସେଲ ସମ୍ପାଦକ ହେମନ୍ତ କୁମାର ଧୀର, ସାଂସ୍କୃତିକ ସମ୍ପାଦକ ଅକ୍ଷୟ କୁମାର ଦେଓ, ସହ ସମ୍ପାଦକ ବିକାଶ କୁମାର ଦାଶ, ସାହିତ୍ୟ ସୃଜନୀ ସମ୍ପାଦକ ବ୍ରଜେଶ୍ୱରୀ ସିଂ, କାର୍ଯ୍ୟାଳୟ ସମ୍ପାଦକ ଦାମୋଦର ପଣ୍ଡା, ଆଇନ ପରାମର୍ଶଦାତା ରଜତ କୁମାର ରାଉତ ମନୋନୀତ ହୋଇଛନ୍ତି । ଶେଷରେ ଦିଲୀପ କୁମାର ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ ।

# ନିତ୍ୟ ବୃନ୍ଦାବନ ଉନ୍ନୟନ ପ୍ରକଳ୍ପର ବୈଠକ

**ଯାଜପୁର ସଦର,୧୫।୧୨ ( ସମର ବିଜୟ ଶରଣ ):**

ଯାଜପୁର ବ୍ଲକ ବରୁଆଁର ବିଜେ ଥାନପତି ଶ୍ରୀରାଧାଗୋପୀନାଥଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ନିତ୍ୟ ବୃନ୍ଦାବନ ଉନ୍ନୟନ ପ୍ରକଳ୍ପର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ମଠ ମନ୍ଦିର ମଧ୍ୟରେ କିପରି ସମନ୍ୱୟ ରକ୍ଷାକରି ସମୃଦ୍ଧ ସାଂସ୍କୃତିକ ପରମ୍ପରା ଉଜ୍ଜୀବିତ କରି ରଖିହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଚୌଧୁରୀ ଶ୍ୟାମସୁନ୍ଦର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ରତଳାଙ୍ଗର ଚୌଧୁରୀ ଅତୁଲ କୁମାର ମଙ୍ଗରାଜ ମହାପାତ୍ର ଏବଂ ମୁଖ୍ୟବକ୍ତାଭାବେ ଅଭିମନ୍ୟୁ ସାମନ୍ତସିଂହାର ସାହିତ୍ୟ ଏବଂ ସଂସ୍କୃତି ବିକାଶ କେନ୍ଦ୍ର, ଗୁରୁଗ୍ରାମ ନୂଆଦିଲ୍ଲୀର ପ୍ରକାଶ ଚନ୍ଦ୍ର ନାୟକ , ନିମାଇଁ ରାୟ ,ନୃସିଂହ ଚରଣ ବଳିୟାରସିଂ ମହାପାତ୍ର, ସଚ୍ଚିଦାନନ୍ଦ ବିଶ୍ୱାଳ, ଚୈତନ୍ୟ ବିଶ୍ୱାଳ,ରାଧାଶ୍ୟାମ ଓଝା,ଦୟାନିଧି ଓଝା,ବିପିନ ବିହାରୀ ନାୟକ, ନବଘନ ସ୍ୱାଇଁ, ହିମାଂଶୁଭୂଷଣ ମହାପାତ୍ର,ରମେଶ ଚନ୍ଦ୍ର ବିଶ୍ୱାଳ, ନନ୍ଦ କିଶୋର ସାହୁ ,ଶ୍ରୀଧର ଦାସ ପ୍ରମୁଖ ଯୋଗ ଦେଇ ଭକ୍ତି,ମୁକ୍ତି,ସମନ୍ୱୟ ଏବଂ ସଂଗ୍ରାମର ସ୍ଥଳୀ ବରୁଆଁକୁ ଏକ ଐତିହାସିକ ଗ୍ରାମର ମାନ୍ୟତା ମିଳିବା ପର୍ଯ୍ୟନ୍ତ ମିଳିତ ଉଦ୍ୟମ ଜାରି ରଖିବାକୁ ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଉତ୍କଳବିହାରୀ ଚଉପାଢୀର ପ୍ରତିନିଧି ଭରତବନ୍ଧୁ ବିଶ୍ୱାଳ ବୈଠକର ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ୫୭ ୟୁନିଟ୍ ରକ୍ତ ସଂଗ୍ରହ


ରକ୍ତ ସଂଗ୍ରହ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସଦସ୍ୟମାନେ ।

**ବରୀ,୧୫।୧୨(ମହେନ୍ଦ୍ର ସ୍ୱାଇଁ):**

ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରବିବାର ସ୍ଥାନୀୟ ଓଡିଶା ଷ୍ଟେଟ ବିଗ୍ରେଡ ସ୍କୁଲ,ଗମୁଁଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ମୋଟ ୫୭ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ଏହି ରକ୍ତଦାନ ଶିବିର ଉପଲକ୍ଷେ ନାଟକ 'ନାଟକ ନୁହେଁ' ମଞ୍ଚସ୍ଥ ହୋଇଥିଲା । ନାଟକ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ନାଟ୍ୟକାର ଅଭୟ କୁମାର ଶତପଥୀ । ସରସ୍ୱତୀ ଶିଶୁ ମନ୍ଦିର ନାଥପୁର(କେନ୍ଦୁଆ)ର ବର୍ତ୍ତମାନ ଓ ପୁରାତନ ଛାତ୍ରୀଛାତ୍ରମାନେ ଅଭିନୟ କରିଥିଲେ । ସାମାଜିକ କର୍ମୀ ବିମଳ ଦାସଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟାଙ୍କ ରକ୍ତ ଅଭାବ ଯୋଗୁ ମୃତ୍ୟୁ ପରେ ଏହି ରକ୍ତଦାନ ଶିବିର ପ୍ରତିବର୍ଷ ତାଙ୍କ ଶ୍ରାଦ୍ଧ ବାର୍ଷିକରେ ଆୟୋଜନ କରାଯାଉଛି ।

# ମା'ମହାଲକ୍ଷ୍ମୀ ପୀଠରେ ତୃତୀୟ ବାର୍ଷିକଉତ୍ସବ




**ପାଣିକୋଇଲି,୧୫।୧୨(ବିକାଶ କୁମାର ମଲିକ):**

ପବିତ୍ର ପଣ୍ଡୁ ପୂର୍ଣ୍ଣିମା ଅବସରରେ ପାଣିକୋଇଲିର ଅନ୍ୟତମ ଅଧିଷ୍ଠାତ୍ରୀ ଦେବୀ ମା'ମହାଲକ୍ଷ୍ମୀଙ୍କ ବିଗ୍ରହ ସ୍ଥାପନାର ତୃତୀୟ ଜନ୍ମ ବାର୍ଷିକୀ ସମାରୋହରେ ପାଳିତ ହୋଇଯାଇଛି । ପୂଜକ ଅମର କୁମାର ଦାଶ , ମହେନ୍ଦ୍ର ପାଢ଼ୀ ଓ କାର୍ତ୍ତିକ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ରୀତିନୀତି ଅନୁଯାୟୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଦେବଦତ୍ତ ରାୟ ଓ ଗାୟତ୍ରୀ ରାୟ ସଂକଳ୍ପ କରିଥିବା ବେଳେ ମା'ଙ୍କର ପୂଜାପାଠ ଓ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏକ ସୁସଜ୍ଜିତ ପାଲିଙ୍କିରେ ମା'ଙ୍କ ବିଗ୍ରହକୁ ନାମ ସଂକୀର୍ତ୍ତନ ସହିତ ଗ୍ରାମ ପରିକ୍ରମା କରାଯାଇଥିଲା । ଏହି ଅବସରରେ ମା' ଲକ୍ଷ୍ମୀଙ୍କୁ ଜାଗୁଳାଇ ଓ ହିଙ୍ଗୁଳାଙ୍କ ପୀଠକୁ ନିଆଯାଇଥିଲା । ସେଠାରେ ମା'ଲକ୍ଷ୍ମୀ ଭୋଗ ପାଇବା ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ମା'ଙ୍କର ସମସ୍ତ କାର୍ଯ୍ୟକୁ ପଞ୍ଚାନନ ଓଝା, ଅରୁପାନନ୍ଦ ମଲିକ, ଦିଲୀପ ମଲିକ, ଅଶ୍ରୁମୋଚନ ରାଉତ, ଭାଗ୍ୟଧର ରାୟଙ୍କ ସମେତ ଅଳତିରି ଗ୍ରାମର ବହୁ ଗୌରଭକ୍ତ ଯୋଗ ଦେଇଥିଲେ ।

# ଡିସେମ୍ବର ୨୩ରୁ କୁଆଖିଆ ମହୋତ୍ସବ

**ଲୋକକଳାକୁ ଉଜ୍ଜୀବିତ ରଖିବାରେ ସାଂସ୍କୃତିକ ମଞ୍ଚ ଗୁରୁତ୍ୱପୂର୍ଣ୍ଣ**

**ରସୁଲପୁର,୧୫।୧୨(ରଞ୍ଜିତ ରାଉତ)**

ଯାଜପୁର ଜିଲାର ପ୍ରସିଦ୍ଧ ଗଣପର୍ବ ଭାବେ ପରିଚିତ ୭୦ତମ ଗଜ ଉଦ୍ଧାରଣ ପୂଜା ଚଳିତମାସ ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏହି ଅବସରରେ ୧୬ବର୍ଷ ଧରି ଆୟୋଜନ ହୋଇ ଆସୁଥିବା କୁଆଖିଆ ମହୋତ୍ସବକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ କୁଆଖିଆ ବଜାରସ୍ଥିତ ସାରଙ୍ଗପୁର ମେଲଣ ପଡିଆରେ ୧୭ତମ କୁଆଖିଆ ମହୋତ୍ସବ ଡିସେମ୍ବର ୨୩ରୁ ଆରମ୍ଭ ହେବ ବୋଲି ମହୋତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

ମହୋତ୍ସବ କମିଟିର ସ୍ଥାୟୀ ଅଧକ୍ଷ ରସୁଲପୁର ବ୍ଲକର ଭାରପ୍ରାପ୍ତ ବିଡିଓ ନିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ, ସମ୍ମାନିତ ଅତିଥି କୁଆଖିଆ ଥାନା ଅଧିକାରୀ ଚିନ୍ମୟୀ ସାହୁ ପ୍ରମୁଖ ଯୋଗଦେଇ ମହୋତ୍ସବକୁ ସରସ ସୁନ୍ଦର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାଛଡା ମହୋତ୍ସବରେ ଶାନ୍ତିଶୃଙ୍ଖଳା ବଜାଇ ରଖିବା ଉପରେ ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା । ୨୦ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି । ଅଧାଗଢା ରାସ୍ତା ଟ୍ରାଫିକ ସମସ୍ୟା ସୃଷ୍ଟିକରିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ପ୍ରସ୍ତାବ ଦିଆଯାଇଛି । ଏହାଛଡା ମେଳା ଓ ମହୋତ୍ସବ ପଡ଼ିଆରେ ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ବିଭାଗ, ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା । ମହୋତ୍ସବକୁ ଏକ ରାଜ୍ୟସ୍ତରୀୟ ମହୋତ୍ସବରେ ପରିଣତ କରିବାକୁ ଉଭୟ ଧର୍ମଶାଳା ଓ କୋରେଇ ବିଧାୟକଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ମହୋତ୍ସବରେ ସରକାରୀ ଭାବେ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା ଆଦିର ଷ୍ଟଲ ପ୍ରଦର୍ଶିତ କରାଯିବା ସହ ମେଳାରେ ମୀନା ବଜାର, ବିଭିନ୍ନ ପ୍ରକାର ଦୋଳି, ମ୍ୟାଜିକ୍ ସୋ, ବାରୁଆଳି ପ୍ରଦର୍ଶନୀ, ସାହସିକତା ପ୍ରଦର୍ଶନୀ ଖେଳ, ବିଭିନ୍ନ ରାଜ୍ୟର ପ୍ରସିଦ୍ଧ ଖାଦ୍ୟ ପଦାର୍ଥର ଷ୍ଟଲ ପ୍ରଦର୍ଶିତ କରାଯିବା ନେଇ ବ୍ୟାପକ ପ୍ରସ୍ତୁତି କରାଯାଉଥିବା ନେଇ ସୂଚନା ଦିଆଯାଇଥିଲା । ଏ ସବୁ ପରେ ମଞ୍ଚକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରତିବର୍ଷ ଭଳି ଏଥର ଗ୍ରାମାଞ୍ଚଳର ଲୋକକଳା, ରାଜ୍ୟର ବିଭିନ୍ନ ଜିଲାରେ ଅଲୋଡା ହୋଇଯାଉଥିବା ପାରମ୍ପରିକ କଳା ସଂସ୍କୃତିର କଳାକାରମାନେ ନଜର କଳା ପ୍ରଦର୍ଶନ କରିବା ପାଇଁ ମଞ୍ଚରେ ଉପସ୍ଥିତ ରହିବେ । ଏହାଛଡା ମଞ୍ଚରେ ଦର୍ଶକମାନଙ୍କୁ ବାନ୍ଧି ରଖିବା ପାଇଁ କଳାକାରମାନଙ୍କ ଦ୍ୱାରା ସ୍ୱତନ୍ତ୍ର ପ୍ରଦର୍ଶନ କରିବାର ସୁଯୋଗ ସୃଷ୍ଟି କରାଯିବ । କୁନି କଳାକାରମାନଙ୍କୁ ନେଇ ପ୍ରତିଯୋଗିତା ଓ ସମ୍ମାନିତ କରିବାର କାର୍ଯ୍ୟକ୍ରମକୁ ଜାରି ରଖାଯିବ । ମହୋତ୍ସବ ପଡ଼ିଆରେ ଏକ ସୂଚନା କେନ୍ଦ୍ର ଖୋଲାଯାଇ ଦର୍ଶକ ଓ ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ପ୍ରକାର ସହାୟତା ପ୍ରଦାନ କରାଯିବ । ଯାତ୍ରା ପଡ଼ିଆରେ ସିସିଟିଭି କ୍ୟାମେରା ଲଗାଇବାର ବ୍ୟବସ୍ଥା କରାଯିବ । ବ୍ଲକ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନେ ମହୋତ୍ସବ ପଡ଼ିଆରେ ସ୍ୱେଚ୍ଛାକୃତ ସହାୟତା ପ୍ରଦାନ କରିବା ସହ ସେହି ଅଞ୍ଚଳର ସଫାସୁତୁରା ଉପରେ ଗୁରୁତ୍ୱ ଦେବେ । ମଞ୍ଚର ଆକୃତି ଓ ସାଜସଜ୍ଜାକୁ ଅଧିକ ଆଖିଦୃଶିଆ କରିବା ଉପରେ ମହୋତ୍ସବ କମିଟି ପକ୍ଷରୁ ଗୁରୁତ୍ୱ ଦିଆଯାଉଛି । ଏ ସବୁ ପରେ ମହୋତ୍ସବକୁ ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚାଇବା ପାଇଁ ରାଜନୈତିକ ଇଚ୍ଛାଶକ୍ତି ଓ ବିଧାୟକମାନଙ୍କ ସହଯୋଗ କାମନା କରାଯାଇଛି ।

ଏଥିସହିତ ମହୋତ୍ସବ ଆରମ୍ଭ ପୂର୍ବରୁ କୁଆଖିଆ ବଜାର ଅଞ୍ଚଳର ରାସ୍ତା ନିର୍ମାଣ, ଅନ୍ତତଃ ପକ୍ଷେ ରାସ୍ତାର ଉଭୟ ପାର୍ଶ୍ୱକୁ ପିଚୁ କରାଯିବା ଦିଗରେ ପ୍ରଶାସନ ଓ ବିଧାୟକମାନେ ଗୁରୁତ୍ୱ ଦେବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି । ଏଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ମହୋତ୍ସବର ସଭାପତି ଜିଲାପରିଷଦ ସଦସ୍ୟ ଶିଶିର କୁମାର ମହାନ୍ତି ପରିଚାଳନା କରିଥିବା ବେଳେ ଲକ୍ଷ୍ମୀନାରାୟଣ ପୂଜା କମିଟି ସମ୍ପାଦକ ଅଶୋକ କୁମାର ବିଶ୍ୱାଳ, ମହୋତ୍ସବ କମିଟି ସମ୍ପାଦକ ସନ୍ତୋଷ କୁମାର ରାଉତ, ପୂର୍ବତନ ବ୍ଲକ ଅଧକ୍ଷ ଶଶି ଭୂଷଣ ସାହୁ, ରସୁଲପୁର ବ୍ଲକ ଅଗ୍ନିଶମ ଅଧିକାରୀ ରାମ ଚନ୍ଦ୍ର ବେହେରା, ଦିଲୀପ ଦାସ, ଗଦାଧର ଦାସ, ପ୍ରଶାନ୍ତ ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ । କମିଟିର କୋଷାଧକ୍ଷ ଉମେଶ ଚନ୍ଦ୍ର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ । ଉଭୟ ଲକ୍ଷ୍ମୀ ନାରାୟଣ ଓ ମହୋତ୍ସବ କମିଟିର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ ।


କୁଆଖିଆ ମହୋତ୍ସବ ପାଇଁ ଆୟୋଜିତ ବୈଠକରେ ବିଧାୟକ ଓ ଅନ୍ୟମାନେ ।

**ଜୁଆ ଖେଳୁଥିବା ବେଳେ ୪ ଗିରଫ, ୮ ହଜାର ଜବତ**

ମାର୍ଶାଘାଇ,(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ): ମାର୍ଶାଘାଇ ଥାନା ଅଞ୍ଚଳରେ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ଖେଳୁଥିବା ୪ ଜଣଙ୍କୁ ପୋଲିସ ଗିରଫ କରିବା ସହ ନଗଦ ୮ ହଜାର ଟଙ୍କା, ତାସ ଓ ବାଇକ୍ ଜବତ କରିଛି। ଥାନା ଅନ୍ତର୍ଗତ ହିନ୍ଦୁଳିଆଠାରେ ଜୁଆ ଖେଳ ହେଉଥିବା ନେଇ ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ଅତର୍କିତ ଭାବେ ଚଢ଼ାଉ କରାଯାଇଥିଲା। ଗିରଫ ୪ ଜଣ ହେଲେ ହିନ୍ଦୁଳିଆ ଗାଁର କୃପାସିନ୍ଧୁ ସ୍ୱାଇଁ, ହାଟିଆ ଗ୍ରାମର ଗଣେଶ ଲେଙ୍କା, ଶ୍ୟାମଗୁଡ଼ିଆ ଗାଁର ଦାମୋଦର ମହାନ୍ତି ଓ ଦୁର୍ଯ୍ୟୋଧନ ମହାନ୍ତି। ଏସ୍ଆଇ ପ୍ରୀତିଲତା ଲାଲଙ୍କ ଅଭିଯୋଗ ଆଧାରରେ ସେମାନଙ୍କୁ ନଂ. ୨୨୬/୨୪ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଶସ୍ୟ ସଂରକ୍ଷଣ ପାଇଁ ଏବେ ବି ବଞ୍ଚିଛି ଗୋଲାଘର

■ ପରିବେଶ ଉପଯୋଗୀ ସହ ନିର୍ମାଣରେ ଶସ୍ତା ସାମଗ୍ରୀ
■ ବ୍ୟକ୍ତିଗତ ସଂରକ୍ଷଣାଗାର ପାଇଁ ମିଳୁନି ପ୍ରୋତ୍ସାହନ


ଗୋଲା ଘରେ ଶସ୍ୟ ସଂରକ୍ଷଣ କରି ରଖାଯାଇଛି।

କେନ୍ଦ୍ରାପଡ଼ା, ୧୫।୧୨ (ଜଗନ୍ନାଥ ଧଳ)

ଓଲିଆ, ଘୁମ, ଖଣି, ଅମାର ଆଦି ଶସ୍ୟ ସଂରକ୍ଷଣ ବ୍ୟବସ୍ଥା ସମ୍ପ୍ରତି ସ୍ୱାଭାବିକ ଜୀବନଯାତ୍ରାରୁ ଉଭେଇ ଗଲାଣି। ମାତ୍ର କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳରେ ଏବେବି ଗୋଲାଘର ଉପରେ ଚାଷୀ ଭରସା ରଖିଛନ୍ତି। ସାଧାରଣରେ ଏହି ଶସ୍ୟାଗାର ବହୁ ପରିମାଣରେ କମିଯାଇଛି। ପୂର୍ବଭଳି ଶସ୍ୟ ସଂରକ୍ଷଣ ପାଇଁ ଗୋଲାଘର ଆବଶ୍ୟକ ପଡୁନାହିଁ। ସେହିପରି ଏହି ଘର ପାଇଁ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା ନାହିଁ। ଏହାସତ୍ତ୍ୱେ କ୍ଷୁଦ୍ର ଚାଷୀ ବା ନାମମାତ୍ର ଚାଷୀଙ୍କ ପାଇଁ ଜିଲାର ମହାକାଳପଡ଼ା, ରାଜନଗର, ରାଜକନିକା ବ୍ଲକ ଅଞ୍ଚଳରେ ଏକ ଆବଶ୍ୟକତା ହୋଇଛି। ହାତପାହାନ୍ତା ଓ ଶସ୍ତା ସାମଗ୍ରୀରେ ନିର୍ମିତ ଏହି ଘର ପରିବେଶ ଉପଯୋଗୀ ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି। ଏ ସମ୍ପର୍କରେ ରାଜନଗର ବ୍ଲକ ଓକିଲପାଳ ଗ୍ରାମର ସୁନାମଣି ବେହେରା କହିଛନ୍ତି, ଧାନ, ବିରି, ମୁଗ ଅମଳ ପରେ ଏହାର ସଂରକ୍ଷଣ ବିଭିନ୍ନ ଉପାୟରେ କରାଯାଏ। ବାଉଁଶ, ମାଟି, ପାଳ ଦଉଡି ଆଦି ହାତପାଖରେ ଥିବା ସାମଗ୍ରୀରେ ଗୋଲ ଆକାରର ଘର ନିର୍ମାଣ ପରେ ଛଣ, ବରଡାରେ ଛାଉଣି ଦିଆଯାଏ। ପରେ ଗୋବର ପାଣିରେ ଲିପା ଯାଇ ଘର ସମ୍ପୂର୍ଣ୍ଣ ହୁଏ। ଗରିବ ଘରର ଲୋକ ଏହି ଗୋଲା ଘରେ ଶସ୍ୟ ସଂରକ୍ଷଣ କରି ବର୍ଷକ ଯାକ ଖର୍ଚ୍ଚ କରାଥାନ୍ତି। ଏହି ଘର ଆଗ ପରି ନିର୍ମାଣ ହେଉନାହିଁ। ବଳକା ଧାନ, ବିର, ମୁଗ, ବାଦାମ ଆଦିକୁ ବିକ୍ରି କରି ଦିଆଯାଉଛି। ଉପାନ୍ତ ଅଞ୍ଚଳର ଏହି ଗୋଲାଘର ନିର୍ମାଣ ସଂସ୍କୃତି ମରିବାକୁ ବସିଥିବା ସେ ସୂଚନା ଦେଇଛନ୍ତି। ଗୁପ୍ତିର ଭାଗୀରଥି ମଣ୍ଡଳ କହିଛନ୍ତି, ଉପାନ୍ତ ଅଞ୍ଚଳରେ ଏହି ଗୋଲାଘର ନିର୍ମାଣ ବଞ୍ଚି ରହିବାର କାରଣ ଏହା ଶସ୍ତା, ସୁନ୍ଦର ଓ ମଜଭୁତ। ମାତ୍ର ୨ରୁ ୧୦ ହଜାର ଟଙ୍କା ମଧ୍ୟରେ ଛୋଟରୁ ବଡ ଗୋଲାଘର ନିର୍ମାଣ ହେଉଛି। ଶସ୍ୟ ବ୍ୟବହାର ପରେ ଏହି ଘରେ ଆବଶ୍ୟକ ସାମଗ୍ରୀ ରଖାଯାଉଛି। ଏହା ଗ୍ରାମାଞ୍ଚଳ ସଂସ୍କୃତିକୁ ବଞ୍ଚାଇ ରଖିବା ସହ ଘର ସଂସାର ପାଇଁ ଉପଯୋଗୀ ହେଉଛି। ୩ ଦଶନ୍ଧି ପୂର୍ବେ ଏହା ଗ୍ରାମର ପ୍ରତ୍ୟେକଙ୍କ ପାଇଁ ଉପଯୋଗୀ ହୋଇଥିବା ବେଳେ ଏବେ ଏହାର ନିର୍ମାଣ ପ୍ରାୟ ୪୦ ପ୍ରତିଶତକୁ କମି ଆସିଛି। ଏପରି ଘର ନିର୍ମାଣ ପାଇଁ ରାଜ୍ୟ କିମ୍ବା କେନ୍ଦ୍ର ସରକାର କୌଣସି ପ୍ରୋତ୍ସାହନ ରାଶି ସହଯୋଗ ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଗ୍ରାମର ବଳରାମ ଦାସ କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏବେ ଟଙ୍କାକିଆ ଚାଉଳ ଯୋଗାଣ ହେଉଛି। ଏଥିପାଇଁ ଚାଷୀ ଅମଳ ପରେ ଶସ୍ୟ ସାଇତି ରଖିବା ଆବଶ୍ୟକ ନାହିଁ। ଅମଳ ପରେ ସିଧା ସରକାରୀ ମଣ୍ଡିରେ ଚାଷୀ ଉତ୍ପାଦିତ ଶସ୍ୟ ବିକ୍ରି କରୁଛନ୍ତି। ଏଥିସହ ଉପାନ୍ତ ଅଞ୍ଚଳରେ ଚିଙ୍ଗୁଡି ଘେରି ପାଇଁ ପାରମ୍ପାରିକ ଧାନ, ମୁଗ, ବିରି, ବାଦାମ ଆଦି ଚାଷ ହେଉନାହିଁ। ଘେରିକୁ ଯାଉଥିବା ଲୁଣି ପାଣି ଓ ବାହାରୁଥିବା ରାସାୟନିକ ପାଣି ଚାଷ ଜମିକୁ ନଷ୍ଟ କରୁଛି। ଶସ୍ୟ ସଂରକ୍ଷଣ ପାଇଁ ଆବଶ୍ୟକତା ଥିଲେ ଏହି ଗୋଲା ଘର ନିର୍ମାଣ ହେଉଥାନ୍ତା। ରାଜନଗରର ସୁଶାନ୍ତ ପରିଡା କହିଛନ୍ତି, ଗୋଲା ଘର ଶସ୍ୟ ସଂରକ୍ଷଣ ପାଇଁ ଉପଯୁକ୍ତ ସ୍ଥାନ। ମାଟି ଗୋବରରେ ନିର୍ମିତ ଏହି ଘରେ ରହିଥିବା ଶସ୍ୟର ଜୈବିକ ବିଘଟନ ଆଶଙ୍କା କମ୍ ରହେ। ଫଳରେ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ହିତକର ସାବ୍ୟସ୍ତ ହୋଇଥାଏ। ସମ୍ପ୍ରତି ରକ୍ଷଣାବେକ୍ଷଣ ପାଇଁ ମାଟି ଗୋବର ଲିପିବା, ନଡ଼ାରେ ପାଳ ଦଉଡି ବଳିବା ଆଦି ଯୁବବର୍ଗ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏ ସମ୍ପର୍କରେ କୃଷି ବିଜ୍ଞାନ ବରିଷ୍ଠ ବୈଜ୍ଞାନିକ ଡ. ପ୍ରଭଞ୍ଜନ ମିଶ୍ରଙ୍କୁ ପଚାରିବାରେ ଗୋଲାଘରେ ଶସ୍ୟ ସଂରକ୍ଷଣରେ ବିଶେଷ ଅସୁବିଧା ଅଛି। ଶସ୍ୟରେ ପୋକ ଲାଗିବା ସହିତ ମୂଷା ସାପଙ୍କ ବାସସ୍ଥଳୀ ହୋଇଥିବା କେତେକ ସ୍ଥାନରେ ଦେଖା ଯାଇଥାଏ। ବ୍ୟକ୍ତିଗତ ଶସ୍ୟ ସଂରକ୍ଷଣାଗାର ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ କୌଣସି ପ୍ରୋତ୍ସାହନ ରାଶି ନାହିଁ ବୋଲି ସେ କହିଛନ୍ତି।

## ମହାନଦୀ ପଠାରେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ସମାଗମ


ମହାନଦୀ ପଠାରେ ବିଭିନ୍ନ ପ୍ରଜାତିର ପକ୍ଷୀ।

ମହାକାଳପଡ଼ା,୧୫।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଶୀତ ଋତୁ ଆଗମନରେ ମହାନଦୀ ଅବବାହିକା ପଠାରେ ବିଭିନ୍ନ ପ୍ରଜାତିର ପକ୍ଷୀ ଦଳ ଦଳ ହୋଇ ସମାଗମ ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ଶୀତ ବଢ଼ିବା ପରେ ଉପକୂଳ ଅଞ୍ଚଳର ନଦୀ ପାର୍ଶ୍ୱ ଲୁଣା ହେନ୍ତାଳ ଜଙ୍ଗଲରେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ କଳରବ ଶୁଭିଲାଣି। ଉପଯୁକ୍ତ ଜଳବାୟୁ, ନଦୀ, ନାଳ, ଖାଲ, ପାଟ ଆଦିରେ ମିଳୁଥିବା ପ୍ରଚୁର ପରିମାଣରେ ଖାଦ୍ୟକୁ ଦୃଷ୍ଟିରେ ରଖି ପକ୍ଷୀମାନେ ବିଭିନ୍ନ ଅଞ୍ଚଳରୁ ଉଡିଆସିଥାନ୍ତି। ଏଠାରେ ସେମାନେ ଶୀତ ୪ମାସ ନଦୀର ପାର୍ଶ୍ୱବର୍ତ୍ତୀ ଜଙ୍ଗଲଗୁଡ଼ିକରେ ବସବାସ କରିଥାନ୍ତି। ପକ୍ଷୀଗୁଡ଼ିକ ଏଠାରେ ଡିମ୍ବ ଦେଇ ଛୁଆ ଫୁଟିବା ପରେ ସାଥିରେ ଧରି ପୂର୍ବ ସ୍ଥାନକୁ ବାହୁଡ଼ି ଯାଇଥାନ୍ତି। ପକ୍ଷୀଗୁଡ଼ିକୁ ସୁରକ୍ଷା ଦେବାକୁ ବନ ବିଭାଗ ଯତ୍ନବାନ ହେବା ଉଚିତ। ଅପରପକ୍ଷରେ ବିଭିନ୍ନ ପକ୍ଷୀଙ୍କ ଆଗମନ ଦେଖି ଦୁର୍ବୃତ୍ତମାନେ ବିଷ ଓ ଫାସ ବସାଇ ସେମାନଙ୍କୁ ଶିକାର କରିବାକୁ ପଛାଇବେ ନାହିଁ। ଏଥିପ୍ରତି ସ୍ଥାନୀୟ ବନ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ସଚେତନତା ବାର୍ତ୍ତା ବା ସାଇନ୍ ବୋର୍ଡ ମାରିବାକୁ ଦାବି ହେଉଛି।

## ସଙ୍ଗଠିତ ସ୍ୱର ସଫଳତାର ମୂଳମନ୍ତ୍ର

**ଏସ୍‌ୟୁଜେର କାର୍ଯ୍ୟକାରିଣୀ ବୈଠକ**

କେନ୍ଦ୍ରାପଡ଼ା, ୧୫।୧୨ (ଜଗନ୍ନାଥ ଧଳ)

ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) କେନ୍ଦ୍ରାପଡ଼ା ଜିଲା ଶାଖାର କାର୍ଯ୍ୟକାରିଣୀ ବୈଠକ କେନ୍ଦ୍ରାପଡ଼ା ବ୍ଲକ ପଥରକଣି ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଦୈତାରି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଙ୍ଗଠନକୁ ସୁଦୃଢ଼ କରିବା ସହ ସଙ୍ଗଠିତ ସ୍ୱର ସଫଳତାର ମୂଳମନ୍ତ୍ର ବୋଲି ଆହ୍ୱାନ ଦିଆଯାଇଥିଲା। ଜିଲା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସମ୍ପାଦକ ଶିବାଶିଷ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା କହିଥିଲେ, ସୁସ୍ଥ ସମାଜ ଗଠନରେ ଖବରଦାତାଙ୍କ ଆବଶ୍ୟକତାକୁ କେହି ଅଣଦେଖା କରିପାରିବେ ନାହିଁ। ମାତ୍ର ଖବରଦାତା ସର୍ବଦା ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇପଡୁଛନ୍ତି। ସେବା ଏମାନଙ୍କ ମୂଳ ମନୋଭାବ ହୋଇଥିବା ବେଳେ ସାମାଜିକ ଓ ଆର୍ଥିକ ସୁରକ୍ଷାର ଅଭାବ ସର୍ବଦା ଦେଖାଦେଇଆସିଛି। ତେବେ ସଙ୍ଗଠନ ମାଧ୍ୟମରେ ସମ୍ମିଳିତ ସ୍ୱର ଉଠିଲେ ନିଶ୍ଚିତ ଭାବେ ସମସ୍ୟାର ସମାଧାନ ହୋଇପାରିବ। ବୈଠକ ଶେଷରେ ଜିଲାର କର୍ମକର୍ତ୍ତା ମନୋନୟନ ହୋଇଥିଲା। ଜିଲା କମିଟି ସଭାପତି ଭାବେ ଦୈତାରି ଜେନା ଓ ସମ୍ପାଦକ ଭାବେ ଅସିତ କୁମାର ପଣ୍ଡାଙ୍କୁ ଆସନ୍ତ ଦୁଇବର୍ଷ ପାଇଁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସେହିପରି ଉପସଭାପତି ସଞ୍ଜୟ କୁମାର ପଣ୍ଡା, ସହସମ୍ପାଦକ ତ୍ରିଲୋଚନ ବେହେରା, ଆଇନ ପରାମର୍ଶଦାତା ପ୍ରମୋଦ କୁମାର ଦାସ, କୋଷାଧ୍ୟକ୍ଷ ଅଲେଖ କୁମାର ନାୟକ, ସଙ୍ଗଠନ ସମ୍ପାଦକ ରଞ୍ଜନ କୁମାର ସାହୁ ଓ ମହିଳା ସଙ୍ଗଠନ ସମ୍ପାଦିକା ଭାବେ ସସ୍ମିତା ପଲେଇଙ୍କୁ କମିଟି ସଦସ୍ୟମାନେ ମନୋନୀତ କରିଥିଲେ।


ବୈଠକରେ ଯୋଗ ଦେଇଥିବା ପୂରାତନ ଛାତ୍ରୀଛାତ୍ର।

## ବିଦ୍ୟୁତ୍ ଶର୍ଟ ସର୍କିଟରେ ପୋଡ଼ିଗଲା ଆଲମିରା ସାମଗ୍ରୀ

ରାଜକନିକା,୧୫।୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଅନ୍ତର୍ଗତ ଭାରିଗଦା ପଞ୍ଚାୟତ ଅଚ୍ୟୁତପୁର ଗାଁରେ ରବିବାର ଅପରାହ୍ନରେ ଶଶଧର ମଲିକଙ୍କ ଘରେ ଥିବା ଏକ ଷ୍ଟିଲ୍ ଆଲମୀରା କୌଣସି କାରଣରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନିଆଁ ଲାଗି ଭସ୍ମୀଭୂତ ହୋଇଯାଇଛି। ଏଥିରେ ଥିବା ଟଙ୍କା, ସୁନା, ରୁପା, ଲୁଗାପଟା ଇତ୍ୟାଦି ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ରାଜକନିକା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡରେ ନଗଦ ୩୦ ହଜାର ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସୁନା, ରୁପା ଓ ଲୁଗାପଟା ପୋଡ଼ି ପାଉଁଶ ହୋଇଯାଇଛି।


ଜଳି ଯାଇଥିବା ଆଲମିରା

ଏଥିରେ ଘର କିମ୍ବା ଲୋକଙ୍କର କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡିଛି।

## ଶକ୍ତି ସଂରକ୍ଷଣ ପ୍ରକଳ୍ପ ପ୍ରଦର୍ଶନ କରି ପ୍ରୀତିପ୍ରଜ୍ଞା ରାଜ୍ୟରେ ପ୍ରଥମ

ରାଜନଗର, ୧୫।୧୨(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀ ବରାହ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ପ୍ରୀତିପ୍ରଜ୍ଞା ପାଢୀ ଶକ୍ତି ସଂରକ୍ଷଣ ପ୍ରକଳ୍ପ ପ୍ରଦର୍ଶନ କରି ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଶନିବାର ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରକଳ୍ପ ପ୍ରତିଯୋଗିତାରେ ନିଜର ପ୍ରକଳ୍ପ ପ୍ରଦର୍ଶନ କରି ଏହି ସଫଳତା ହାସଲ କରିଛନ୍ତି। ଏହି ଅବସରରେ ପ୍ରୀତିପ୍ରଜ୍ଞା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ରାଜ୍ୟର ୩୦ଟି ଜିଲାରୁ ୩୦ଟି ପ୍ରକଳ୍ପକୁ ଅନ୍‌ଲାଇନ ମାଧ୍ୟମରେ ମନୋନୀତି କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲାରୁ ଲକ୍ଷ୍ମୀ ବରାହ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରୀତିପ୍ରଜ୍ଞାଙ୍କ ପ୍ରକଳ୍ପ ଶ୍ରେଷ୍ଠ ମନୋନୀତ ହୋଇଥିଲା। ଗାଇଡ ଶିକ୍ଷୟିତ୍ରୀ ବର୍ଷାରାଣୀ ରାଉତ, ଏସ୍.କେ. ନେମତୁଲ୍ଲାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରୀତିପ୍ରଜ୍ଞା ଏହି ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ସେ ହାତିନା ଗ୍ରାମର ପ୍ରସନ୍ନ କୁମାର ପାଢୀଙ୍କ ଝିଅ। ତାଙ୍କର ଏହି ସଫଳତା ପାଇଁ ଲକ୍ଷ୍ମୀ ବରାହ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଅତୁଳ କୁମାର ବଳଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି।


ପ୍ରୀତିପ୍ରଜ୍ଞା ପାଢୀଙ୍କୁ ଶକ୍ତି ପ୍ରକଳ୍ପ ପ୍ରଦର୍ଶିତ କରିଛନ୍ତି।

## ଗୋସିଗାଁ ନୀଳାଞ୍ଚଳ ସାରସ୍ୱତ ସଂଘର ୨୦ତମ ବାର୍ଷିକ ଉତ୍ସବ

ରାଜନଗର, ୧୫।୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତ ଗୋସିଗାଁସ୍ଥିତ ନୀଳାଚଳ ସାରସ୍ୱତ ସଂଘ ରାଜନଗର ଶାଖାର ୬୨ତମ ଅଧିବେସନ ଓ ୨୦ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଚଳିତମାସ ୧୩ ରୁ ୧୫ ପର୍ଯ୍ୟନ୍ତ ୩ ଦିନ ଧରି ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ନୀଳଚଳ ସାରସ୍ୱତ ସଂଘର ପରିଚାଳକ ଶରତ ଚନ୍ଦ୍ର ସିଂଦେଓ, ସମ୍ପାଦକ ନରେଶ ଚନ୍ଦ୍ର ପତି ଯୋଗଦେଇ ସଂଘର ଆଭିମୁଖ୍ୟ, ସଂଘୀୟ ବିଦ୍ଧି ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ଠାକୁର ନିଗମାନନ୍ଦଙ୍କ ଦିବ୍ୟଲୀଳା ଉପରେ ଆଲୋଚନା କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, କେନ୍ଦ୍ରାପଡ଼ା ଜିଲା ସଂଘର ସଭାପତି ବିଜୟ କୁମାର ପରିଜା, ସମ୍ପାଦକ ରମାକାନ୍ତ ମହାପାତ୍ର ନୀଳାଚଳ ସାରସ୍ୱତ ସଂଘର ପୁରୀ ପରିଚାଳନା କମିଟିର ସଦସ୍ୟ ସଂଗ୍ରାମ କେଶରୀ ମଲ୍ଲିକ, ସର୍ବେଶ୍ୱର ମହାନ୍ତି, ପୂର୍ବତନ ପରିଚାଳନା କମିଟିର ସଦସ୍ୟ କାନନ ବିହାରୀ ସାହୁ, ରାଜନଗର ଆଞ୍ଚଳିକ ସଂଘର ସଭାପତି ଯୁଧିଷ୍ଠିର ସାହାଣୀ, ରାଜନଗର ଶାଖା ସଂଘର ସଭାପତି ବାବାଜୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହାକୁ ସେବକ ଚନ୍ଦ୍ରମଣୀ ରାଉତ, ନକୁଳ ପଢିହାରୀ, ନୀଳମଣି ପ୍ରଧାନ, ବିଷ୍ଣୁ ଚରଣ ରାଉତ, ଅଦ୍ୱୈତ ପ୍ରସାଦ ମଲ୍ଲିକ ପରିଚାଳନା କରିଥିଲେ। ଜିଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇଥିଲେ।

## ୫୩ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ

ପଟ୍ଟାମୁଣ୍ଡାଇ, ୧୫।୧୨ (କଳ୍ପତରୁ ନାୟକ)

ବରିଷ୍ଠ ନାଗରିକମାନଙ୍କୁ ନାଗରିକତ୍ୱ ପ୍ରମାଣପତ୍ର ଶନିବାର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ସୁଶାନ୍ତ ସାହୁ ପ୍ରଦାନ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ଚିତ୍ତ ବିନୋଦନ ଗୃହରେ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚୟ ପତ୍ର ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଦର୍ଶ ଥାନା ଅଧିକାରୀ ସାହୁ ଯୋଗଦେଇ ୫୩ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରିଛନ୍ତି। ଏଥିସହ ସେମାନଙ୍କ ସମାଜରେ ପ୍ରତିଷ୍ଠା, ବରିଷ୍ଠ ନାଗରିକଙ୍କ ପାଇଁ ସରକାରଙ୍କ ପ୍ରଚଳିତ ଆଇନ, ବରିଷ୍ଠ ନାଗରିକ କଲ୍ୟାଣ ଅଧିନିୟମ ୨୦୦୭ ଅନୁସାରେ ପ୍ରତିପୋଷଣ ଓ ସାହାଚର୍ଯ୍ୟ, ସରକାରଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକମାନେ ରହୁଥିବା ଅଞ୍ଚଳରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଭରତ ପାତ୍ର, କାର୍ଯ୍ୟକାରୀ ସଭାପତି କଣ୍ଠୁରୀ ଚରଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ବିଜୟ ସାହୁ, କୋଷାଧ୍ୟକ୍ଷ ଚତୁର୍ଭୁଜ ରାଉଳ, କୈଳାସ ପାତ୍ର, ଗୋଲକ ମହାରଣା, ଡା. କୃଷ୍ଣଚନ୍ଦ୍ର ପରିଡା, ଡ. ଅର୍ଜ୍ଜୁନ ନାୟକ, ତ୍ରିଲୋଚନ ସୂତାର, ଗୋପାଳ ଚରଣ ବିଶ୍ୱାଳ, ଶିକ୍ଷାବିତ୍ ପ୍ରମୋଦ ରଥ, ସଚ୍ଚିତ୍ର ବେହୁରା, ଶିକ୍ଷାବିତ୍ ସୁରେଶ ଜେନା, ପ୍ରାବନ୍ଧିକ ପ୍ରଦୀପ ନାୟକ, କନକଲତା ପ୍ରଧାନ, ଲକ୍ଷ୍ମୀପ୍ରିୟା ପାଢୀ ପ୍ରମୁଖ ଯୋଗଦେଇ ବରିଷ୍ଠ ବ୍ୟକ୍ତିମାନେ କିପରି ସମାଜରେ ସୁଖରେ ଜୀବନଯାପନ କରିବେ, ସେମାନଙ୍କୁ ହତାଦର କରୁଥିବା ଝିଅପୁଅମାନଙ୍କ ପାଇଁ ଆଇନର କିପରି ସହାୟତା କରାଯାଇ ପାରିବ ତାହା ଆଲୋଚନା ହୋଇଥିଲା। ସଭାପତି ରାଉଳ ନିଜ ବକ୍ତବ୍ୟରେ ବରିଷ୍ଠ ନାଗରିକଙ୍କ ସାହାଯ୍ୟ ପାଇଁ ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଶେଷରେ ବରିଷ୍ଠ ସଭ୍ୟ ପାବନୀ ରାଉତ ଧନ୍ୟବାଦ ଦେଇଥିଲେ।

## ୨ ମାମଲାରେ ୫ କୋର୍ଟ ଚାଲାଣ

ରାଜନଗର, ୧୫।୧୨ (ଭାସ୍କର ରାଉତରାୟ)

ରାଜନଗର ଥାନାରେ ୨ଟି ମାମଲାରେ ୫ଜଣଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଥାନା ଅନ୍ତର୍ଗତ ସାନବଡଗୋପାଳପୁରରେ ବିଦ୍ୟୁତ୍ ଖୁଣ୍ଟ ଚୋରି ଘଟଣାରେ କେନ୍ଦ୍ରାପଡ଼ା ସଦର ପୁରୁଷୋତ୍ତମପୁର ଗାଁର ସଞ୍ଜୀବ ମହାନ୍ତି, ଚାନ୍ଦୋଳ ଅଞ୍ଚଳ ଅନନ୍ତପୁର ଗାଁର ନିକୁ ସ୍ୱାଇଁଙ୍କୁ ପୋଲିସ ଗିରଫ କରି ନଂ.୩୧୮/୨୪ରେ ମାମଲା ରୁଜୁ କରିଛି। ସେହିପରି ଶନିବାର ରାଜନଗର କୁନ୍ଦୁପୁର ରାସ୍ତାର ପେଟ୍ରୋଲ ପମ୍ପ ନିକଟରେ ୨ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ କଏଥା ଗାଁର ସୁବ୍ରତ ଦାସଙ୍କୁ ଅନ୍ୟଗୋଷ୍ଠୀର ଯୁବକ ଲୁହା ପାଇପରେ ଆକ୍ରମଣ କରିଥିବା ଲିଖିତ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ପୋଲିସ ରାଜନଗର ଗ୍ରାମର ପରମେଶ୍ୱର ଦାସ, ସାଗର ବଳ ଏବଂ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗାଁର ଜିତୁ ପ୍ରକାଶ ମଲିକଙ୍କୁ ନଂ. ୪୪୯/୨୪ରେ ମାମଲା ରୁଜୁକରି ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

## ପୁରାତନ ଛାତ୍ରଙ୍କ ବୈଠକ, ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି


ବୈଠକରେ ଉପସ୍ଥିତ ପୁରାତନ ଛାତ୍ରମାନେ।

ଡେରାବିଶ, ୧୫।୧୨ (ବେବର୍ତ୍ତା ଅଜୟ ଦାସ)

**ଲାଲ ବାହାଦୁର ଶାସ୍ତ୍ରୀ ହାଇସ୍କୁଲ**

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ସତ୍ୟବିହାରସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ହାଇସ୍କୁଲର ପୁରାତନ ଛାତ୍ରମାନଙ୍କ ଏକ ବୈଠକ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଦ୍ୱୈତ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟର ପୂର୍ବ ଗରିମାକୁ ଫେରାଇବାକୁ ପୁରାତନ ଛାତ୍ରମାନେ ଆଗେଇ ଆସିବାକୁ ମତପ୍ରକାଶ ପାଇଥିଲା। ୧୯୭୧ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ଏହି ବିଦ୍ୟାଳୟ ଆଗାମୀ ଦିନରେ ତା'ର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଥିବାରୁ ଏ ନେଇ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କୁ ସୂଚନା ଦିଆଯାଇ ଆସନ୍ତା ଜାନୁଆରୀ ୫ ରେ ଏକ ପୂର୍ଣ୍ଣାଙ୍ଗ ବୈଠକ ପାଇଁ ସର୍ବସମ୍ମତି ନିଷ୍ପତ୍ତି ହୋଇଥିଲା। ଏଥିସହ ଏହି ଉତ୍ସବକୁ ଅଧିକ ସଫଳ କରିବାକୁ ପୁରାତନ ଛାତ୍ରୀଛାତ୍ରମାନେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯିବା ସହ ଏହାକୁ କାର୍ଯ୍ୟକାରୀ କରିବାକୁ ଏକ ୧୫ ଜଣିଆ ସବ୍‌କମିଟି ଗଠନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ଜୟନ୍ତ କୁମାର ଶତପଥୀ, ରାଜକିଶୋର ମଲ୍ଲିକ, ଅମରେନ୍ଦ୍ର ବରାଳ, ସମୀର ସାମଲ, ମହେଶ ମିଶ୍ର, ଦେବାଶିଷ ଶତପଥୀ, ରଞ୍ଜନ ପାତ୍ର, ବନ ବିହାରୀ ମହାନ୍ତି, ବିଷ୍ଣୁ ବିଜୟ ତ୍ରିପାଠୀ ଓ ଆଶିଷ ବରାଳ ପ୍ରମୁଖ ବହୁସଂଖ୍ୟାରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ସରକାରୀ ଅଙ୍କୁଶ ନାହିଁ: ଗଢ଼ିଉଠୁଛି କୋଚିଂ ସେଣ୍ଟର

ପଟ୍ଟାମୁଣ୍ଡାଇ,୧୫।୧୨(କଳ୍ପତରୁ ନାୟକ)

■ ଘରୋଇ ସ୍କୁଲରେ ରହୁନି ଅଗ୍ନି ନିରାପତ୍ତା ବ୍ୟବସ୍ଥା
■ ବିପଦମୁକ୍ତ ନୁହେଁ ଆବାସିକ ବିଦ୍ୟାଳୟ



କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ସମେତ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ମାଳମାଳ ବେଆଇନ କୋଚିଂ ସେଣ୍ଟର ଖୋଲାଯାଇ ଶିକ୍ଷାର ବେପାର ଚାଲିଛି। କୋଚିଂ ସେଣ୍ଟର ମାଲିକମାନଙ୍କ ପାଖରୁ ଏକାଧିକ ବିଦ୍ୟାଳୟର ଶିକ୍ଷକ ଓ କଲେଜର ଅଧ୍ୟାପକ ମୋଟା ଅଙ୍କର ଟଙ୍କା ନେଇ କୋଚିଂ ସେଣ୍ଟରରେ ଶିକ୍ଷାଦାନ କରୁଛନ୍ତି। ଯାହା ସରକାରୀ ନିୟମର ଖୋଲା ଉଲ୍ଲଂଘନ। ଏଥିସହ ଘରୋଇ ସ୍କୁଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହୁନି। ଫଳରେ ବିପଦମୁକ୍ତ ହୋଇପାରୁନି ଆବାସିକ ବିଦ୍ୟାଳୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ଦେଶରେ ଉତ୍କଟ ବେକାରି ସମସ୍ୟା ଥିଲେ ବି ଉଚ୍ଚଶିକ୍ଷା ଲାଗି ଭଲ କ୍ୟାରିୟର ଗଠନ ପାଇଁ ବିଦ୍ୟାର୍ଥୀମାନଙ୍କ ସଂଖ୍ୟା ବଢ଼ିଚାଲିଛି। ଜିଲାଠାରୁ ବ୍ଲକ ଅଧିକାଂଶ ସରକାରୀ ଶିକ୍ଷାନୁଷ୍ଠାନରେ ଆଗପରି ପାଠପଢ଼ା ହେଉନାହିଁ। ବହୁ ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟରେ ଶିକ୍ଷକ, ଅଧ୍ୟାପକ, ପ୍ରଫେସରଙ୍କ ଖାଲିସ୍ଥାନ ପୂରଣ ହେଉନାହିଁ। ଯଦ୍ୱାରା ବାର୍ଷିକ ପାଠ୍ୟ ଖସଡ଼ା ଅନୁଯାୟୀ ପୁସ୍ତକ ବିଷୟଗୁଡ଼ିକ ସମ୍ପୂର୍ଣ୍ଣ ପଢ଼ା ହେଉନାହିଁ। ଏହାର ଫାଇଦା ଉଠାଇ ବର୍ତ୍ତମାନ ଛତୁଫୁଟିଲା ପରି ଗାଁ ଠୁଁ ସହରରେ କୋଚିଂ ସେଣ୍ଟର, ଆବାସିକ ବିଦ୍ୟାଳୟ, ମହାବିଦ୍ୟାଳୟ ଗଢ଼ି ଉଠିବା ସହ ଗୁରୁତ୍ୱ ବଢ଼ିବାରେ ଲାଗିଛି। ବିଭିନ୍ନ କ୍ୟାମ୍ପସ ଓ ପ୍ୟାକେଜର ଲୋଭ ଦେଖାଇ ଛାତ୍ରୀଛାତ୍ରଙ୍କ ପାଖରୁ ମୋଟା ଅଙ୍କର ଫିସ୍ ଆଦାୟ କରାଯାଉଛି। ହେଲେ କୋଚିଂ ସେଣ୍ଟରରେ ପାଠ ପଢ଼ାଇବାକୁ ସବୁ ଅଭିଭାବକ ଆର୍ଥିକ ସକ୍ଷମ ନୁହନ୍ତି। ବହୁ ମେଧାବୀ ପିଲା ସରକାରୀ କଲେଜଗୁଡ଼ିକରେ ପାଠ ପଢ଼ିମଧ୍ୟ ଭଲ ଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାଦ୍ୱାରା ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଯାହାକୁ ନେଇ ସାଧାରଣ ଗରିବ ମଧ୍ୟବିତ୍ତ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଉଛି। ଶିକ୍ଷାବିତ୍ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ସରକାରୀ ଶିକ୍ଷକ ବା ଅଧ୍ୟାପକ ବେସରକାରୀ ଭାବେ ଶିକ୍ଷାଦାନ କରିପାରିବେ ନାହିଁ ବୋଲି ସରକାରୀ ନିର୍ଦ୍ଦେଶନାମା ରହିଛି। ହେଲେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସରକାରୀ ଶିକ୍ଷକ, ଅଧ୍ୟାପକମାନେ ସରକାରୀ ନିୟମର ଖୋଲା ଉଲ୍ଲଂଘନ କରି ବିଭିନ୍ନ କୋଚିଂ ସେଣ୍ଟରରେ ଘଣ୍ଟାଏ କିମ୍ବା ୨ ଘଣ୍ଟା ଲେଖାଏ ଶିକ୍ଷାଦାନ କରୁଛନ୍ତି। ଏଥିପାଇଁ କୋଚିଂ ସେଣ୍ଟରର ମାଲିକମାନଙ୍କ ପାଖରୁ ମୋଟା ଅଙ୍କର ଟଙ୍କା ନେଉଥିବା ଜଣାପଡ଼ିଛି। ଏଥିସହ ବିଭିନ୍ନ ସ୍ଥାନରେ ନିୟମକାନୁନ୍‌କୁ ଖୋଲା ଉଲ୍ଲଂଘନ କରାଯାଇ ଅଗ୍ନି ନିରାପତ୍ତା, ଅନ୍ୟାନ୍ୟ ବ୍ୟବସ୍ଥା କରା ନ ଯାଇ ଶତାଧିକ କୋଚିଂ ସେଣ୍ଟର ଓ ଆବାସିକ ବିଦ୍ୟାଳୟରେ ପାଠ ପଢ଼ା ଚାଲିଛି। ଯୁବନେତା ସତ୍ୟପ୍ରିୟ ସାମଲ କହିଛନ୍ତି, ନିକଟ ଅତୀତରେ ଗୁଜରାଟର ଏକ ଘରୋଇ କୋଚିଂ ସେଣ୍ଟରରେ ଆକସ୍ମିକ ନିଆଁଲାଗି ୧୯ ଜଣ ଛାତ୍ରଙ୍କ ଶୋଚନୀୟ ମୃତ୍ୟୁ ହୋଇଥିଲା। କେତେଜଣ ପ୍ରାଣ ବିକଳରେ ୩ରୁ ୪ ମହଲା ଉପରୁ ଡେଇଁ ପଡ଼ିଥିଲେ ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଆମ ଶାସନ ବ୍ୟବସ୍ଥା ଏପରି ଯେ କିଛି ଗୋଟେ ଅଘଟଣ ଘଟିବା ପରେ ବିଭାଗୀୟ ଅଧିକାରୀ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଦିଅନ୍ତି। ପୁଣି ଦିନ କେତେଟା ପରେ ସବୁ କିଛି ସ୍ଥାଣୁ ପାଲଟିଯାଏ। ଆଜିକାଲି ଯେଉଁ ଭଡ଼ାଘରଗୁଡ଼ିକରେ କୋଚିଂ ସେଣ୍ଟର, ଆବାସିକ କଲେଜ, ହଷ୍ଟେଲ ଆଦି ଚାଲୁଛି ସେଗୁଡ଼ିକ ପ୍ରାୟ ଅସୁରକ୍ଷିତ ଏବଂ ଅଗ୍ନି ନିର୍ବାପକ ବ୍ୟବସ୍ଥା ନାହିଁ। ଗ୍ରୀଷ୍ମଋତୁରେ ସବୁବେଳେ ଶିକ୍ଷାନୁଷ୍ଠାନ ଓ କୋଚିଂ ସେଣ୍ଟରରେ ଏସି ଚାଲୁଛି। ଏହାଦ୍ୱାରା ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ହେବାର ଆଶଙ୍କା ଅଧିକ। ଆଧୁନିକ ବିଲ୍ଡିଂ ଡିଜାଇନ୍ ଯେତେ ଆକର୍ଷଣୀୟ ହେଲେ ମଧ୍ୟ ବିପଦମୁକ୍ତ ନୁହେଁ। ବୁଦ୍ଧିଜୀବୀ ରବୀନ୍ଦ୍ର ଭଞ୍ଜ କହିଛନ୍ତି, କୋଚିଂ ସେଣ୍ଟରଗୁଡ଼ିକ ଉପରେ ସରକାରଙ୍କ କୌଣସି ଲଗାମ ରହୁନାହିଁ। ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଜିଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ ତଥା ଜିଲା ପ୍ରଶାସନ ପାଖରେ ସେମାନଙ୍କ ଅଞ୍ଚଳରେ ଚାଲୁଥିବା ଏହିସବୁ ବେସରକାରୀ କୋଚିଂ ସେଣ୍ଟର ତଥ୍ୟ ରହୁନାହିଁ। ନୂଆ ଗାଇଡ୍‌ଲାଇନ୍ ଅନୁଯାୟୀ, କୋଚିଂ ସେଣ୍ଟରଗୁଡ଼ିକ ୧୬ ବର୍ଷରୁ କମ୍ ବୟସର ଛାତ୍ରୀଛାତ୍ରଙ୍କ ନାମ ଲେଖାଇପାରିବେ ନାହିଁ। ସରକାରୀ ନିର୍ଦ୍ଦେଶର ସମୀକ୍ଷା କରା ନ ଯାଇ ମନଇଚ୍ଛା ଅଭିଭାବକଙ୍କଠାରୁ ଅର୍ଥ ଆଦାୟ କରି ନାମ ଲେଖା ଯାଉଛି। ଆଜିକାଲି ଅଭିଭାବକମାନେ ଏପରି କୋଚିଂ ସେଣ୍ଟର ମୁହାଁ ହୋଇଗଲେଣି ଯେ, କେବଳ ପାଠପଢ଼ାକୁ ଗୁରୁତ୍ୱ ଦେଇ ତାଙ୍କ ପିଲାଙ୍କର ଅନ୍ୟ ମୌଳିକ ସମସ୍ୟା ଉପରେ ଧ୍ୟାନ ଦେଉନାହାନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କୁ ପଚାରିବାରେ ଏହା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

